ତ୍ରୈମାସିକ ସାହିତ୍ୟ ଇ-ପତ୍ରିକା
ପ୍ରଥମ ବର୍ଷ : ପ୍ରଥମ ସଂଖ୍ୟା
ଜୁନ - ଅଗଷ୍ଟ ୨୦୧୯
ସାହିତ୍ୟ ସୁଧା
କଲ୍ଲୋଳ
ଭିତର ପୃଷ୍ଠାରେ:-
ଗଳ୍ପ ଓ ପ୍ରବନ୍ଧ
କଥା ଓ କାହାଣୀ
ପଦ୍ୟ ଓ କବିତା
ଅନୁବାଦ ସାହିତ୍ୟ
ହାସ୍ୟ ବ୍ୟଙ୍ଗ
ଏବଂ
ଆହୁରି ଅନେକ
ସମ୍ପାଦକ ଓ ପ୍ରତିଷ୍ଠାତା
ସୁଦର୍ଶନ ସାହୁ

ସାହିତ୍ୟ ସୁଧା

କଲ୍ଲୋଳ

ଆଧୁନିକ ସାହିତ୍ୟର ନୂଆ ପିଢ଼ି...

ପ୍ରତିଷ୍ଠାତା ଓ ସମ୍ପାଦକ

ସୁଦର୍ଶନ ସାହୁ

ଓଡ଼ିଆ ସମ୍ମାନ ଛାତ୍ର

ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ଯାଜପୁର

ଭ୍ରାମ୍ୟଭାଷ/ ହ୍ୱାଟ୍ସଆପ୍ :-୭୦୭୭୬୪୬୯୪୧

ଶୁଭେଚ୍ଛା ବାର୍ତ୍ତା

କର୍ମ ଓ ଭାଗ୍ୟର ଦ୍ୱନ୍ଦ ମଧ୍ୟରେ ଆପଣାର ଲକ୍ଷକୁ ପ୍ରାପ୍ତି କରିବାର ଅଭିଳାଷ ନେଇ ଅଗ୍ରସର ଯୁବଗୋଷ୍ଠୀ କ୍ରିୟାଶୀଳ। ଅନୁଭୂତି- ଅଭିଜ୍ଞତାମହ ବାସ୍ତବ ଜୀବନର ପ୍ରତ୍ୟେକ ଘଟଣା ରାଜିକୁ ବାନ୍ଧି ରଖିବାକୁ ସମସ୍ତେ ତତ୍ ପର। ଯୁବ ସମାଜର ଏହି ମାନସିକତାକୁ ପୂର୍ଣ୍ଣ କରିବାକୁ ଜନ୍ମ ନେଇଛି " କଲ୍ଲୋଳ " । ଯାହାମାଧ୍ୟମରେ ଜୀବନ ଜୀବିକାର ସଂଘର୍ଷ-ପ୍ରେମକୁ ଉପସ୍ଥାପନ କରି ଛାତ୍ର ସମାଜକୁ ସଶକ୍ତ କରିବାରେ ଇ-ପତ୍ରିକାଟି ସହାୟକ ହେବ। ଏହି ଆଶା ଓ ବିଶ୍ୱାସ ନେଇ ତ୍ରୟମାସିକ ସାହିତ୍ୟ ଇ-ପତ୍ରିକା " କଲ୍ଲୋଳ "କୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରୁଅଛି ।

ଅଧ୍ୟାପକ ପ୍ରଫୁଲ୍ଲ କୁମାର ନାୟକ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଏନ୍ ସି କଲେଜ , ଯାଜପୁର

ଭବିଷ୍ୟତ ରେ ଏପରି ଏକ ସମୟ ଆସୁଛି, ଜାଗଜ ରେ ପ୍ରସ୍ତୁତ ବହି ପତ୍ର ଆଉ ରହିବ ନାହିଁ । ତାକୁ ଆଖି ଆଗରେ ରଖି ଏହି ଇ-ପତ୍ରିକା କଲ୍ଲୋଳ ର ଶୁଭାରମ୍ଭ ।

ଅନେକ ପତ୍ରିକା ଆରମ୍ଭ ହୋଇ ନୀରବ ହୋଇ ଯାଆନ୍ତି ଉତ୍ସାହ ଅଭାବ ରୁ । କିନ୍ତୁ ଯୁବ ଗୋଷ୍ଠୀ ର ଏହି ପତ୍ରିକା ଟି ପ୍ରାୟ। ରହି ସମସ୍ତଙ୍କୁ ଅନୁପ୍ରାଣିତ କରୁଥାଉ ।

କଲ୍ଲୋଳ ଯେପରି କୂଳ ରୁ ଛୁଇଁ ବାକୁ ନିରନ୍ତର ପ୍ରୟାସ କରୁଥାଏ ଏହି ପତ୍ରିକା କଲ୍ଲୋଳ ସମସ୍ତଙ୍କର ହୃଦୟ ଛୁଇଁ ବାକୁ ପ୍ରୟାସ ଜାରୀ ରଖୁ ।ଏହାହିଁ ଆଶା କରେ ।

ପୁଣ୍ୟ ପ୍ରଭା ଦେବୀ

ଜେନ୍ଦ୍ର ପାହିଡ଼ିଏ ଏକାଡେମୀ ପୁରସ୍କାରପ୍ରାପ୍ତ

ଶିଳ୍ପୀ ପାହିଡ଼ିଏକା

ସାହିତ୍ୟ ହେଉଛି ସମାଜର ମାର୍ଗଦର୍ଶକ । ସାହିତ୍ୟିକର ସୂକ୍ଷ୍ମ ଅନୁଭୂତି ସମାଜକୁ ସୁବ୍ୟବସ୍ଥିତ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ । ସାହିତ୍ୟ ପ୍ରତି ଆଜିର ଯୁବପିଢି ମାନଙ୍କ ଆକର୍ଷଣ କୁଢି ତଥା ସଂସ୍କାରିତ ସାମାଜିକ ବ୍ୟବସ୍ଥା ଦିଗରେ ସେମାନଙ୍କ ସକରାତ୍ମକ ବିଚାରଧାରାକୁ ଉପସ୍ଥାପିତ କରିବାର ଲକ୍ଷ୍ୟ ନେଇ "କଲ୍ଲୋଳ" ପତ୍ରିକାର ଏହି ନିରବଚ୍ଛିନ୍ନ ପ୍ରୟାସକୁ ମୁଁ ସାଧୁବାଦ ଜଣାଉଛି ।

ଲକ୍ଷ୍ମୀନାରାୟଣ ପଟ୍ଟନାୟକ

ସମ୍ପାଦକ କଣମଲ୍ଲୀର ମହକ

ମଙ୍ଗଳାଘୋଡି, ଖୋରଧା

କଲ୍ଲୋଳେ ବିହ୍ୱଳ
ହୃଦୟ ମୋହର
ତଲ୍ଲୀନ ମୋହର ପ୍ରାଣ
ଶୁଭେଚ୍ଛା ସଦିଚ୍ଛା
ଦେଉଛି ଅଜାଡି
ସଦୟ ହୃଦୟେ ଘେନ ।।

କୁଞ୍ଜବିହାରୀ ଦାସ

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

ଯୁବ ତଥା ଉତ୍ସାହୀମାନ କବି ସୁଦର୍ଶନ ସାହୁଙ୍କ ଦ୍ୱାରା ସମ୍ପାଦିତ ଯୁବଭିତ୍ତିକ ଇ-ପତ୍ରିକା ସାହିତ୍ୟ ସୁଧା 'ଉନ୍ମେଷ' ଆପଣୁ ଉଙ୍କ ଅବଦାନରେ ପ୍ରକାଶ ପାଇବ ଜାଣି ମୁଁ ଅତ୍ୟନ୍ତ ଖୁସି। ଏଥିରେ କେବଳ ଯୁବକ/ଯୁବତୀ(୧୮ରୁ ୩୫ବର୍ଷ ମଧ୍ୟରେ)ମାନଙ୍କ ଲେଖା ପ୍ରକାଶ ପାଇବ । ବର୍ତ୍ତମାନ ସମୟରେ ଯୁବକମାନେ ସାହିତ୍ୟ ଆଡୁ ମୁହଁ ଫେରାଇ ନେଇ ଅର୍ଥ ପର୍ଯ୍ୟ ଛାଇ ଯାଇଥିବା ବେଳେ ସୁଦର୍ଶନଙ୍କର ଏ ପ୍ରୟାସ ପ୍ରଶଂସନୀୟ । ଏହା ଦ୍ୱାରା ଯେମାନେ ସାହିତ୍ୟମାନସ୍କ ହେବା ସହ ଲେଖିବା ପାଇଁ ଆଗ୍ରହୀ ହେବେ, ଯାହା ଓଡ଼ିଆ ସାହିତ୍ୟ ପାଇଁ ଶୁଭଙ୍କର ହେବ ।

ଏହି ଅବସରରେ ସୁଦର୍ଶନ ସାହୁଙ୍କୁ ସାଧୁବାଦ ଜଣାଇବା ସହ ସାହିତ୍ୟ ସୁଧା 'ଉନ୍ମେଷ'ର ପାଠକୀୟ ଆଦୃତି ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ସତ୍ୟବ୍ରତ ସାହୁ
କବି, ଗାୟିକ, ପ୍ରାବନ୍ଧିକ
ପଲ୍ଲାପାଇ, ଯାଜପୁର

ଶ୍ରେଣୀ ଗୃହର ପ୍ରଥମ ଦିନରୁ ସୁଦର୍ଶନ ତୁମ ପ୍ରତିଭା ମୋ ଆଖିରୁ ବାଦ୍ ପଡ଼ିନଥିଲା ।ତୁମ କବିତାର ସୁନ୍ଦର ଶବ୍ଦ ସଂଯୋଜନା ଏବଂ ତାକୁ ଏକ ରୋମାଣ୍ଟିକ ଢଙ୍ଗରେ ପରିବେଷଣ କରିବା ପଡରେ ଖୁବ୍ ହୃଦୟ ସ୍ପର୍ଶୀ। ସେଥିପାଇଁ ବୋଧ ହୁଏ ତୁମ କବିତା ଶୁଣୁ ଶୁଣୁ ତୁମ ନାମ ରଖିଦେଲି "ପ୍ରେମ କବି"।ଏହା ଛଡା ତୁମେ କେବଳ ଜଣେ ଭଲ କବି ନୁହେଁ,ଆମ ଓଡ଼ିଆ ବିଭାଗ ର ଜଣେ ଦାୟିତ୍ୱ ବାନ୍ ଛାତ୍ର ମଧ୍ୟ।ପ୍ରଥମ କରି ମୁଁ ଯେତେବେଳେ ତୁମ "ସାହିତ୍ୟ ସୁଧା କଲ୍ଲୋଳ" ଇ-ପତ୍ରିକା ର ସମ୍ପାଦନା କଥା ଶୁଣିଲି ଖୁବ୍ ଖୁସି ହେଲି ,ଗର୍ବିତ ମଧ୍ୟ ଅନୁଭବ କଲି।ତୁମର ଏ ପ୍ରୟାସ ପଡରେ ସ୍ୱାଗତ ଯୋଗ୍ୟ।ଏହିପରି ଓଡ଼ିଆ ଭାଷା ସାହିତ୍ୟ କୁ ଉନ୍ନତି ପଥ ରେ ଆଗେଇ ନିଅ ।ମା ବିରଜା ଙ୍କ ପାଖରେ ମୁଁ କାମନା କରୁଛି ଏହିପରି ତୁମେ ସଫଳତା ର ପାହାଚ ଚଢି ଚାଲ। ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କର।ମୋର ଶୁଭେଚ୍ଛା ଓ ଶୁଭକାମନା ସବୁବେଳେ ତୁମ ସହିତ ରହିଛି।

ଅଧ୍ୟାପିକା ଅଭିମାନି ପ୍ରିୟଦର୍ଶିନୀ ବ୍ରହ୍ମ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଏନ୍ ସି କଲେଜ, ଯାଜପୁର

କଲ୍ଲୋଳ ସମ୍ପର୍କରେ....

ମଣିଷ ମନ ତଳର ବ୍ୟଥା ଓ ଭାବନାକୁ ସୁସ୍ପଷ୍ଟ ଓ ସଂକ୍ଷିପ୍ତ ଭାବରେ ପରିପ୍ରକାଶ କରିବା ସାହିତ୍ୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ସାହିତ୍ୟ ମଣିଷ ତଥା ସମାଜର ହିତସାଧନ କରି ସଂସ୍କାରିତ ନିତିନିଷ୍ଠ ସମାଜ ସୃଷ୍ଟି କରିବା ସାହିତ୍ୟର ଲକ୍ଷ୍ୟ । ବିଶେଷ କରି ଯୁବଗୋଷ୍ଠୀ ମାନେ ଏହି କ୍ଷେତ୍ରରେ ଦୁଇ ପାଦ ଆଗେଇ ଥାନ୍ତି । ସେମାନଙ୍କର ଉଚ୍ଛଳା ମନ ଓ ରଙ୍ଗିନ୍ ସ୍ୱପ୍ନରେ ଉବୁଟୁବୁ ହେଉଥିବା ଭାବନା ଟିକେ ଆସ୍ତା ଖୋଜେ । ମନର ଭାବନାକୁ ପରିପ୍ରକାଶ କରିବା ପାଇଁ କାନ୍ ଭାସ୍ ଟିଏ ଲୋଡ଼େ, ଅନେକ କ୍ଷେତ୍ରରେ ପ୍ରତାରିତ ହୁଏ । ସାହିତ୍ୟର ଆଗଧାଡ଼ିର ସାଧକମାନେ ଏମାନଙ୍କୁ ସେତିକି ପ୍ରୋତ୍ସାହନ ଦିଅନ୍ତି ନାହିଁ, ଫଳରେ ଏମାନଙ୍କର ଭାବନା ମାନ ମରିଯାଆନ୍ତି ଏବଂ ଗୁମୁରି ଗୁମୁରି ବିଳାପ କରେ । ଖୋଜୁଥାଏ ବାଟଟିଏ ଯେଉଁ ବାଟ ଦେଇ ଉଡ଼ିଯିବ ଏବଂ କହିଯିବ ମନର ଗୀତିକଥା । ସେହି ଆଶା ଓ ଆକାଂକ୍ଷାକୁ ସାର୍ଥକ କରୁଛି କାଗଜ କଲମ ବିହିନ ଏହି ଇ-ପତ୍ରିକା "କଲ୍ଲୋଳ" । ଏହା ସମୟ

ଉପଯୋଗୀ , ବର୍ତ୍ତମାନ ସମୟରେ ଯୁବବର୍ଗ ତଥା ବ୍ୟସ୍ତ ବିବ୍ରତ ମଣିଷ ବହି ଉପରୁ ମୁହଁ ଫେରାଇ ସ୍ମାର୍ଟଫୋନ ଓ ଇଣ୍ଟରନେଟ୍ ଉପରେ ଅଧିକ ମନ ନିବେଶ କରୁଛି । ସେହି ପରିପ୍ରେକ୍ଷୀରେ ଏହା ବେଶ୍ ସହାୟକ ହେବ ବୋଲି ମୋର ଧାରଣା । ଶେଷରେ ଏହି "କଲ୍ଲୋଳ" ପତ୍ରିକା ସମାଜର ପ୍ରତ୍ୟେକ ବର୍ଗର ସଚେତନ ମଣିଷର ଭାବନାକୁ ଦ୍ରିଗୁଣିତ କରୁ । କଲ୍ଲୋଳର ସ୍ପର୍ଶରେ ସମସ୍ତେ ଉତ୍ ଫୁଲ୍ଲିତ ହୁଅନ୍ତୁ , ଆନନ୍ଦିତ ହୁଅନ୍ତୁ । ସକରାତ୍ମକ ଚିନ୍ତାଧାରା ନେଇ ଅଗ୍ରସର ହେଲେ ନିଶ୍ଚୟ ସମାଜ ତଥା ଜାତିର ଉନ୍ନତି ସମ୍ଭବ ହୋଇପାରିବ ।

ଦେବାଶିଷ ଲେଙ୍କା

ମୁଖ୍ୟ ଅଧ୍ୟାପକ ଓଡ଼ିଆ ଭାଷା ସାହିତ୍ୟ ବିଭାଗ

ଏନ୍ ସି କଲେଜ, ଯାଜପୁର

ସମ୍ପାଦକୀୟ କଲମରୁ.....

ଓଡ଼ିଆଙ୍କ ଆନନ୍ଦର ପର୍ବ ରଜପର୍ବରେ ସାହିତ୍ୟ ଇ-ପତ୍ରିକା "କଲ୍ଲୋଳ" କୁ ମୁଁ ପାଠକଙ୍କ ସମ୍ମୁଖରେ ସମର୍ପଣ କରୁଅଛି । ପ୍ରଥମ ଥର ପାଇଁ ଯୁବ ସାହିତ୍ୟିକ ମାନଙ୍କ ଲେଖାକୁ ନେଇ ଜନ୍ମ ନେଇଛି ସାହିତ୍ୟ ସୁଧା " କଲ୍ଲୋଳ " । ଏହା ପ୍ରକାଶ ହେବାର ଉଦ୍ଦେଶ୍ୟ ଯୁବ ଲେଖକ ଲେଖିକା ମାନଙ୍କର ଲେଖନୀ ମୁନର ସୃଷ୍ଟିକୁ ପାଠକ ମାନଙ୍କ ହୃଦୟରେ ଆଧୁନିକତାର ଭାବ ଜାଗ୍ରତ କରିବା ।

କଲ୍ଲୋଳର ପ୍ରଥମ ସଂଖ୍ୟାରେ ସ୍ଥାନିତ ହୋଇଛି କିଛି କବିତାର ଝରଣା , ପ୍ରତାରଣା ଭିତ୍ତିକ ଗଳ୍ପ ଏବଂ ଆହୁରି ଅନେକ କିଛି ମଧ୍ୟ । ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ଏହି ପତ୍ରିକା ତଥା ଆଧୁନିକ ଯୁବପିଢ଼ିଙ୍କ ଲେଖା ସହାୟକ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

(ସମ୍ପାଦକ)

ପ୍ରଥମ ସଂଖ୍ୟାରେ. . . .

// କବିତା //

ତୁଷାରକାନ୍ତ ପ୍ରସାଦ // ୧୪

ହେମନ୍ତ କୁମାର ରଣା //୧୭

ରାଜେଶ ପୂଜାରୀ // ୧୯

ସୁଦର୍ଶନ ସାହୁ //୨୭

ନିକୁଞ୍ଜ ବିହାରୀ // ୨୮

ରାଜଲକ୍ଷ୍ମୀ ସାହୁ // ୩୦

ଗିରିଧାରୀ ଧଳ // ୩୨

କ୍ଷୀରୋଦିନୀ ବେହେରା // ୩୫

ପ୍ରକାଶ କୁମାର ଦାସ // ୩୭

ସନ୍ତୋଷ ପ୍ରଧାନ // ୩୯

ସସ୍ମିତା ବେହେରା //୪୦

ସିଦ୍ଧେଶ୍ୱର ତ୍ରିପାଠୀ // ୪୨

ପର୍ଶୁରାମ ସାହୁ // ୪୪

ଲିପ୍ସା ରାଉତ // ୪୬

କାହ୍ନୁ ଚରଣ ସାହୁ // ୪୮

ସୁବ୍ରତ କୁମାର ସେନାପତି // ୫୦

ପବିତ୍ର ବ୍ରହ୍ମପୁତ୍ର ନାୟକ // ୫୩

ପୃଷ୍ଠା ୧୧

// ବ୍ୟଙ୍ଗ //

ଶ୍ରୀବାସ କୁମାର ନାୟକ // ୧୦୬

ରାଜେନ୍ଦ୍ର ନାରାୟଣ ସେନାପତି // ୧୦୮

// ପ୍ରବନ୍ଧ ଓ ଆଲୋଚନା //

କେଶରୀ ପ୍ରସାଦ ମହାନ୍ତି // ୧୦୯

ସ୍ମୃତି ରଞ୍ଜନ ପାଣିଗ୍ରାହୀ // ୧୧୧

// ଅନୁବାଦ //

ଓମ୍ ପ୍ରକାଶ ବିଶ୍ୱାଳ // ୧୧୪

ସତ୍ୟ ନାରାୟଣ ମହାନ୍ତି // ୫୪

ପ୍ରିୟଙ୍କା ପାଢ଼ୀ // ୫୬

କିରଣ ମନିଷା ମହାନ୍ତି // ୫୮

ଦେବବ୍ରତ ପାଢ଼ୀ // ୬୦

ସ୍ନେହାଶିଷ ମହାନ୍ତି // ୬୩

ଅନୁର୍ଯ୍ୟାମୀ ମିଶ୍ର // ୬୫

ସଞ୍ଜୟ ଯେନା // ୬୬

// ଗଳ୍ପ //

ପ୍ରଶାନ୍ତ କୁମାର ନାଥ // ୬୮

ଲକ୍ଷ୍ମଣ କୁମାର ବେହେରା // ୭୩

ସ୍ୱାଗତିକା ଦାଶ // ୮୦

ଜୟଶ୍ରୀ ମହାରଣା // ୮୪

ସତ୍ୟ ପ୍ରକାଶ ନାୟକ // ୮୮

ଅନୁପ କୁମାର ଦଳବେହେରା // ୯୦

ବିକାଶ ପାଲ // ୯୪

ପ୍ରମୋଦ କୁମାର ସାହୁ // ୯୮

// ବିଶେଷ କବିତା //

ଅନିଲ କୁମାର ମହାରଣା // ୧୦୩

କବିତା ବିଭାଗ

" ରଜ ଆସିଛି... "

ତୁଷାରକାନ୍ତୁ ପ୍ରସାଦ

ପରଦେଶୀ ପୁଅ ଫେରି ଆସିଛି(ଲୋ),
ମାଆ ମନ ତା'ର ପୁରି ଉଠିଛି।
ଗାଆଁ ମୋର ଦେଖ ସଜ ହେଇଛି(ଲୋ),
ମୋ ଜନ୍ମମାଟିରେ ରଜ ଆସିଛି।।

ଚଷା ପୁଅ ଦେଖ ହଳ ଛାଡିଛି (ଲୋ),
ଗ୍ରୀଷ୍ମ ଅବକାଶ ସତେ ପାଇଛି।
ନିଦାଘର ଦୁଃଖ ସରି ଯାଉଛି (ଲୋ),
ମୋ ଜନ୍ମମାଟିରେ ରଜ ଆସିଛି।।

ତିନିଦିନ ହାଣ୍ଡି ଛାଡ ପାଇଛି (ଲୋ),
ପିଠାପଣାର ଏ ଋତୁ ଆସିଛି ।
ଷୋଡ଼ଶୀ ରୂପସୀ ସଜ ହେଇଛି (ଲୋ),

ମୋ ଜନ୍ମମାଟିରେ ରଜ ଆସିଛି।।

ଆକାଶରେ ନାନା ଗୁଡି ଉଡୁଛି (ଲୋ),
ଆଈ ପାନ ଡାଲା ସଜା ସରିଛି।
କଉଡି ଖେଳରେ ବାଳା ବସିଛି (ଲୋ),
ମୋ ଜନ୍ମମାଟିରେ ରଜ ଆସିଛି।।

ଆତ୍ମୀୟ ସ୍ୱଜନେ ଘର ଭରିଛି (ଲୋ),
ଗପର ଆସର କେତେ ଚାଲିଛି।
ପୋଡ ପିଠା ମହ ମହ ବାସୁଛି (ଲୋ),
ମୋ ଜନ୍ମମାଟିରେ ରଜ ଆସିଛି।।

ବରଗଛ ଡାଳେ ଦୋଳି ଲାଗିଛି (ଲୋ),
ଦୋଳି ଖେଳିବାକୁ ଭିଡ ଜମିଛି।
ବାଗୁଡି ଖେଳରେ ବାଜି ଲାଗିଛି (ଲୋ),
ମୋ ଜନ୍ମମାଟିରେ ରଜ ଆସିଛି।।

ଦୋଳି ଖେଳି ବାଳା ଗୀତ ଗାଉଛି (ଲୋ),
ସମୀର ତା ସାଥେ ତାଳ ଧରିଛି।
ମେଘ ପାଇଁ ମାଟି ଝୁରି ହେଉଛି (ଲୋ),
ମୋ ଜନ୍ମମାଟିରେ ରଜ ଆସିଛି।।

ବରୀ, ଯାଜପୁର

" ପ୍ରେମ ଅଟେ ପ୍ରେରଣା "

ପ୍ରେମ ଅଟେ ଶାଶ୍ୱତ ପୁଣି ଚିରନ୍ତନ
ପ୍ରେମ ପୁଣି ହୋଇପାରେ ଅମୃତ ସାଗର
କିଶୋରୀ ନାୟିକା ପ୍ରେମ ଅଲିଭାର ଗାର
ହୃଦୟକୁ କରିପାରେ ସମୁଦ୍ରର ପାର..

ହେମନ୍ତ କୁମାର ରଣା

କିଶୋରୀ ପ୍ରେମିକାର ଅମାନିଆ ଭାବ
ପ୍ରେମିକକୁ କରିପାରେ ସର୍ବଦା ଚଞ୍ଚଳ
ନାୟିକାର ରୂପଗୁଣ ଆଉ ବିସ୍ମିତ ନୟନ
ପ୍ରେମିକକୁ ଦେଇପାରେ ପ୍ରେରଣା ପ୍ରବଳ.....

ପ୍ରେରଣାର ସ୍ପର୍ଶ ପାଇ କିଶୋର ଯୁବକ
ସାଗର ଲଙ୍ଘିବାରେ ନୁହେଁ ଅସମ୍ଭବ
ପ୍ରେମ ଯେବେ ହୁଏ ପ୍ରତାରଣାର ପ୍ରକୋଷ୍ଠ
ଛଳନାର ରୂପ ନିତ୍ୟାନ୍ତୁ ସମ୍ଭବ....

ପ୍ରେମିକର ପ୍ରେମ ନୁହେଁ ଭାଗ୍ୟ ନିର୍ଦ୍ଧାରକ
ପ୍ରିୟତମା ପାଶେ ଥାଏ ପ୍ରେରଣାର ମନ୍ତ୍ର
ପ୍ରେମିକାକୁ ଅସ୍ତ୍ର କରି ପ୍ରେମିକ ପ୍ରବର
ଭାଗ୍ୟକୁ ନିର୍ଦ୍ଦେଶ ଦିଏ ନିତ୍ୟ ବାରମ୍ବାର.....

ସ୍ୱକୀୟା ପ୍ରୀତିର ପ୍ରେମ ପବିତ୍ର ବନ୍ଧନ
ରାମ ଓ ସୀତାଙ୍କ ପ୍ରେମ ଅଟେ ଚିରନ୍ତନ
ପରକୀୟା ପ୍ରୀତିର ରାଧା ଅଭିମାନୀ ନାୟିକା
କୃଷ୍ଣ ପ୍ରେମରେ ରାଧା ହେଲେ ଅନୁସତ୍ତା....

ପ୍ରେମ କରିପାରେ ଅବଳାକୁ ବୀର
ପ୍ରେମ ଦେଖାଇପାରେ ମୁକ୍ତିର ପଥ
ମୁକ୍ତି ପଥେ ପ୍ରେମିକ ସୈନ୍ୟ ପ୍ରାୟ ହୋଇ
ସ୍ୱାଧୀନତା ଆଣିପାରେ ମୁକ୍ତି ମାର୍ଗେ ଯାଇ.....

ଯାଜପୁର

" ସେମିତି କିଛି ହେଲାନାହିଁ "

ରାଜେଶ ପୂଜାରୀ

ତମେ ଖୋଜ କି ନଖୋଜ
ଯେବେ ପକ୍ଷୀ ମାନେ ବାହୁଡ଼ିବେ
ଗୋଧୂଳିରେ ଝାଡ଼ି ଦେଇ ପର
ତାରା ମାନେ ନୀଳାକାଶେ
ଆଖି ଖୋଲି ଚାହୁଁ ଥିବେ
ଜହ୍ନକୁ କିଏ ସେ କରିଛି ବନ୍ଦୀ
ଜାମିନ୍ ପାଇଁ
ଦିଗନ୍ତ ବ୍ୟାପି ଅନ୍ଧକାର ମାନଙ୍କ
ବିଦ୍ରୋହର ଯାତ୍ରା
ରାଜଧାନୀର ରାଜରାସ୍ତାରେ
ଲାଲ୍ ପତାକା ଧରି ଫେରି ଆସୁଥିବ ପବନ
ଉଆଁସୀ ରାତିକୁ କଥା ଦେଇ-
ତୋ ସାମ୍ରାଜ୍ୟ ସମାପ୍ତର ପଥେ....

ଅବନ୍ତିକା...

ତୁମେ ଚାହିଁଥିଲ
ମୋର ସବୁତକ ଆଲୋକ ଅନ୍ଧାର
ଳୀଳାୟିତ ହେଉ ତୁମ ନୁପୁର ଛନ୍ଦରେ
ଆଉ ଏକ ଋତୁ ଆସୁ
ସବୁ ଋତୁ ସରିଗଲା ପରେ,

ମୁଁ ବି କୋଉ ମନା କରିଥିଲି
ଗଢ଼ିବାକୁ ନୂଆଁ ଗୋଟେ ପୃଥିବୀ
ଯୋଉଠି କେହି ନଥାନ୍ତେ ଆଉ...
ଖାଲି ବହି ଯାଉଥାନ୍ତା ଟିକି ଗୋଟିଏ ନଈ
ପଠାରେ ଥାଆନ୍ତା ଗୋଟିଏ ବରଗଛ
ତମ କୋଳରେ ଶୋଇଥାନ୍ତି ମୁଁ
ଲେଖିବାକୁ ପ୍ରେମର ଟିଟାଉ !

ହେଲେ ସେମିତି କିଛି ହେଲାନାହି

ହଠାତ୍ ଗୋଟିଏ ଅଦୃଶ୍ୟ
ଇଲାକାରୁ ଝଡ଼ଟେ ଉଠି
ସବୁ ଛିନ୍ନଭିନ୍ନ କରିଦେଲା
ତା ମନିପର୍ସରେ ଚାରି ଚଉତା କରି
ଥୋଇ ଦେଇ ବସନ୍ତକୁ
ନେଇଗଲା ସାଥିରେ
ଆମକୁ ଛାଡ଼ିଦେଇ
ନିର୍ବାକ କୋଳାହଳ ଭିତରେ
ଭୋଗିବାକୁ ବନ୍ଦୀଶାଳାର ଶ୍ରାବଣ !
ଆମେ ତ ସଂପର୍କ ମାନଙ୍କ
ହିମାଳୟ ଖୋଜୁଥିଲେ
ତାର ଉଚ୍ଚତା ଆଙ୍କିବାର ନଥିଲା
ସାଉଁଟିବାକୁ ଚାହିଁଥିଲେ
ଧୂଳି ପରି ବିଛି ହେଇ ଯାଇଥିବା ସ୍ମୃତିର ଆବର୍ତ୍ତ
ତାକୁ ମାପିବାର ନଥିଲା
ଯେତେ ଯେତେ ଚାହିଁଲେ ଉଦ୍ଧାରିବାକୁ ବୋଝ

ଆହୁରି ଆହୁରି ଲଦି ହୋଇଗଲା।

ମୁଣ୍ଡ ଗୁଞ୍ଜିବାକୁ ଉଭୟ୍
କପୋତୀରଙ୍ଗୀ ଖରାକୁ ସାକ୍ଷୀ କରି
ଦୌଡିଥିଲେ ଯେ ଦୌଡିଥିଲେ
ରାତି ପାହୁ ପାହୁ ଲାଗିଲା
ଆମେ ପହଞ୍ଚି ସାରିଛେ ପୁଣି ସେଇଠିକୁ
ଯାତ୍ରା ଆରମ୍ଭିଥିଲେ ଯୋଉଠୁ !

ପରମ୍ପରାର ତୀକ୍ଷ୍ଣ କରତ ଦାଢରେ
ରକ୍ତାକ୍ତ ହେଲା ମୋର ନିଜତ୍ୱ
ନୀରବତା ଛଡ଼ା ଆଉ କିଛି ଔଷଧ
ସେ ଘା' ଭରି ପାରିନଥାନ୍ତା ହୁଏତ,
ହାଟ ମଝିରେ ବଦନାମ ହେବା ପରେ
ନିଜ ଦେହକୁ ଓହ୍ଲାଇ ଦେଇ
ନୂଆଁ ଦେହଟେ ପିନ୍ଧିବା ଛଡ଼ା ବିକଳ୍ପ ଆଉ

କ'ଣ ଯେ-

ଇଚ୍ଛାରେ ଅବା ଅନିଚ୍ଛାରେ...!

ତମେ ଭାବିଲ ମୁଁ ହୋଇଗଲି ଅଭିଶପ୍ତ ପଥର
ଯାହାକୁ ପାରିଲାନି ତରଳେଇ
ତମ ଆଖିରୁ ବହିଥିବା ଅଥକ ଲହର
ତା'ପରେ ତୁମେ ତୁମ ବାଟରେ
ମୁଁ ମୋ ବାଟରେ !

ହେଲେ କୋଉ ବୁଝିଲ
ତୁମକୁ ଭେଟିବାକୁ ଯାଇ ଶ୍ୟମଳିମା
ମୁଁ ଭୋଗିଛି ଗଭୀର କାଳିମା
ଭଲରେ ଭଲରେ
 ଗଡ଼ିଯାଉ ବୋଲି ତୁମ ଗାଡି
ତୁମକୁ କନ୍ଦେଇବାକୁ ଯାଇ
ମୁଁ ଲୁହର ବର୍ଷାରେ ତିନ୍ତୁଛ

ବର ତଳ ଘାସ

ହେବାକୁ ମନା କଲି ଯଦିଓ
ରାସ୍ତା କଡ଼ ବଣତୁଳସୀ ମୁଁ ତୁମକୁ
ଅହରହ ଜଗିଅଛି..!

ସେଦିନ ତୁମକୁ ରାଣ ଖୁଏଇଲି...
ଯେତେ ଯାହା ହେଉ ପଛେ
ଆଗକୁ ବଢିବ
ଉନ୍ନତିର ଘୋଡ଼ା ଚଢ଼ିବ
ଜୀଇଁଥିବା ଯାଏ ଆଗକୁ
କେବେ ମୁହଁ ଦେଖେଇବାନି କେହି କାହାକୁ
ତମେ ମତେ ଭୁଲିଯିବ ଆଉ ମୁଁ ତୁମକୁ !

ହେଲେ କୋଉ ଭୁଲି ହୁଏ ଯେ
ସ୍ମୃତିର ପାଳଗଦା କୋଉ ଜାଳି ହୁଏ ଯ

ସେତ ଆହୁରି ସତେଜ ହେଉଥାଏ
ନିଜେ ନିଜକୁ ନୂଆଁ ରୂପେ ଜନ୍ମ ଦେଉଥାଏ...

ତମେ ମତେ କ୍ଷମା କରି
ନପାର ଏ ଜନ୍ମରେ ହୁଏତ,
ତଥାପି ଅନୁରୋଧ
ଦିନକ ଚବିଶ୍ ଘଣ୍ଟା ମଧ୍ୟରୁ
ମାତ୍ର ଗୋଟିଏ ମିନିଟ୍ ଲେଖାଏଁ
ପ୍ରାର୍ଥନା କରିବ
ସେ ଉପରବାଲାକୁ ଠିକ୍ ମୋ ପରି
ଯିଏ ଏକମାତ୍ର କାରଣ
ତୁମେ,ମୁଁ ଆମେ ହୋଇ ନପାରିବାର
ଆଗାମୀ ସବୁ ଜନ୍ମ ମାନଙ୍କରେ
ତମେ କିଟ ହୁଅ କି ପତଙ୍ଗ ହୁଅ
ବାଘ ହୁଅ କି ଭାଲୁ ହୁଅ

ମାନବ ହୁଅ କି ଦାନବ ହୁଅ
ମୁଁ ଚାହେଁ ଜନ୍ମିବାକୁ ତୁମ ସ୍ୱାମୀ ରୂପରେ....!

ତୁମେ ଖୋଜ କି ନଖୋଜ...
ମୁଁ ପହଞ୍ଚିଯିବି ତୁମ ପାଖକୁ

ଆମର ସ୍ୱପ୍ନ ସବୁକୁ ଚରିତାର୍ଥ ହେବାର
ଡେଣା ଲଗେଇବାକୁ
ତମ ସାଙ୍ଗରେ ହସିବାକୁ କାନ୍ଦିବାକୁ
ଭୁଲ୍ କରି କାନ ଧରି କ୍ଷମା ମାଗିବାକୁ !

କୁଶମେଲ, ଝାରସୁଗୁଡ଼ା

" ଗୋଟେ କପ୍ ଚାହା "

ତୁମେ ଚାଲି ଆସ ଏ ଦୁଇ ପହର ବେଳାଭୂମିର
ଆମେ ଦୁହେଁ ମିଶି ଗପସପ ହେବା
ବୈତରଣୀର ଧୋବ ଫର ଫର
ବାଲିଚର ଉପରେ ,
ସେ ଗପସପ ଭିତରେ ମୁଁ କଲ୍ କରିବି
ମୋ ଗାଁର ନିଧି ମୋଉସା ଚାହା ଦୋକାନକୁ ,
ତାର ନାତି ଆଣି ଦେଇଯିବ
ଗୋଟେ କପ୍ ଚାହା...
ସେ ଚାହା ତୁମେ ପିଉଥିବ
ତୁମ ଓଠର ସ୍ପର୍ଶରେ
ଆଉ ମୁଁ ମଧ୍ୟ ପିଉଥିବି
ତୁମ ଓଠ ସ୍ପର୍ଶ ଚିହ୍ନରେ ସୁ..ସୁ କରି ।

ସୁଦର୍ଶନ ସାହୁ

ଓଡ଼ିଆ ବିଭାଗ ଛାତ୍ର

ଏନ୍ ସି କଲେଜ, ଯାଜପୁର

" ମାୟା ସଂସାର "

ନିକୁଞ୍ଜ ବିହାରୀ

ମାଆ ଗର୍ଭେ ଥାଇ କର ତ୍ରାହି ତ୍ରାହି
ବିଭୁ ପଯ୍ୟରେ ମିନତୀ
ସଂସାରକୁ ଯାଇ ତୋ ନାମକୁ ଜପି
ଗାଇବି ତୋ ଜୟ୍ ଗୀତି ।
କୁଆଁ କୁଆଁ କାନ୍ଦି ଆସିଲୁ ଧରାକୁ
ଖୁସି ହେଲେ ପରିବାର
ସବୁ ଦୁଃଖ ଦୂର ହୋଇବ ଏଥର
ଆଣିଛି ସୁଖ ସମ୍ଭାର ।
ସ୍ତନ ଭାଙ୍ଗି କ୍ଷୀର ଅମୃତକୁ ଦେଇ
ଜାବୁଡି ଧରିଲା କୋଳେ
ଦିନ ପରେ ଦିନ ଗଡି ଚାଲୁ ଥାଇ
ଶିକ୍ଷା ଦେଲେ ଗୁରୁକୂଳେ ।
ସାଙ୍ଗ ସାଥୀ ମେଳେ ଧୂଳି ବାଲି ଖେଳେ

ସମାପ୍ତ ଶୈଶବ ବେଳ
ଯୌବନ ସମୟେ ନାରୀ ମଦ ମାଂସ
ହେଲାରେ ତୋ ପାଇଁ କାଳ ।
ବାପା ଓ ମାଆକୁ କଲୁ ହତାଦାର
ଦେଲୁନି ମୁଖେ ଆହାର
ଦିନେ ନ ଭଜିଲୁ ରାମ ନାମ ପଦ
ସଂସାରେ ଯେଉଁଟା ସାର ।
ଦେଇଥିବା କଥା ରଖିନ ପାରିଲୁ
ହୋଇଲାରେ ବୁଦ୍ଧି ଭ୍ରଷ୍ଟ
ଦୁର୍ଲ୍ଲଭ ମଣିଷ ଜନମକୁ ପାଇଁ
ଜୀବନକୁ କଲୁ ନଷ୍ଟ ।

ପୋଲସରା , ଗଞ୍ଜାମ

" ତୁମେ ମୋ ଜୀବନ "

ରାଜଲକ୍ଷ୍ମୀ ସାହୁ

ତୁମକୁ ପାଇଲି ଭଲ
ଦୁନିଆକୁ କଲି ପର
କରିବନି କେବେ ପର
କିଏ ହେବ ମୋ ନିଜର ।
ଏକା ଜୀଇଁବି କେମିତି
ଲାଗୁଛି ବହୁତ ଡର
କଥାଦିଅ ମୋତେ ସାଥୀ
କରିବନି କେବେ ଦୂର ।
ଜାଗାଟିକେ ସେ ହୃଦୟେ
ଦେବ ପ୍ରିୟ କୁହ ମୋତେ
ଉଜାଗରେ ଦୁଇ ନୟନେ
ଅପେକ୍ଷା କରିଛି କେତେ ।
କରିବନି କେବେ ପର

ରହିଲା ମୋ ପ୍ରେମ ରାଣ

ଜାଣେକି ହେବ ପ୍ରେମର

ତୁମେ ପ୍ରେମ ମୋ ଜୀବନ ।

ରେମୁଣା

ବାଲେଶ୍ୱର

" ହଜିଗଲା ସେଇ ଦିନ "

ଗିରିଧାରୀ ଧଳ

ଲୁଚିଗଲା ଅବା ସେ ଦିନର ଖେଳ
ଲିଭିଗଲା ଅବା ମନ ଚିତ୍ରପଟରୁ
ଭୁଲିଗଲା ଅବା ଏ ଅଭୁଲା ମନ
ନା ଛାଡ଼ି ଆସିଲା ବହୁ ଦୂରରୁ।

ନାଁ ଆଜି ଫୁଟୁଛି ବଣେ କିଆ ଫୁଲ
ନାଁ କୁହୁଡ଼ି ସକାଳେ ଡାକେ କୋଇଲି
ନାଁ ପଦୁଅଁ ପୋଖରୀ ଉଛୁଳି ପଡୁଛି
ନାଁ ପଦୁଅଁ ଫୁଟେ ପାଖୁଡ଼ା ମେଲି।

ନାଁ ଆମ୍ବତୋଟା ରେ ବଉଳ ବାସୁଛି
ନାଁ କପୋତ କପୋତି ବସନ୍ତି ମିତ
ନାଁ ଗାଁ ନଈ ରେ ନାଉରିଆ ଭାଇ
ନାଆ ବାହି ବାହି ଗାଉଛି ଗୀତ।

ନାଁ ମହକେ ଆଉ ଘର ଅଗଣାରେ
ଚମ୍ପା ମଲ୍ଲୀ ଫୁଲ ଟଗର ବାସ
ନାଁ ପ୍ରଜାପତି ଫୁଲପରେ ବସେ
ମେଣ୍ଟେଇବାକୁ ତା ମନର ଶୋଷ।

ନାଁ କଜଳପାତି କ୍ଷେତ ଧାରେ ଧାରେ
ଝିଣ୍ଟିକା ଖାଉଛି ହରଷେ ଉଡ଼ି
ନାଁ ବିହଙ୍ଗ ସ୍ୱନ କାନରେ ଶୁଭୁଛି
ପଶ୍ଚିମରେ ରବି ଗଲେ ଯେ ବୁଡ଼ି।

ନାଁ ଫୁଟୁଛି ଜହ୍ନି କାକୁଡିର ଫୁଲ
ନାଁ ଜହ୍ନ କୁ ଦେଖି ନାଚେ କୁମୁଦ
ନାଁ ବଣରେ ମୟୁର ଖୁସି ମନେ ନାଚେ
ଆକାଶରେ ଦେଖି କଳା ବଉଦ।

ନାଁ ଶଗଡ଼ ଗଡୁଛି ନା ଢ଼ିଙ୍କି ଦିଶୁଛ

ନାଁ ଉଡୁଛି ସେହି ଦାଣ୍ଡର ଧୂଳି
ନାଁ ରଜ ପରବେ ସାଙ୍ଗସାଥି ମିଶି
ବର ଓହଳରେ ଖେଳନ୍ତି ଦୋଳି।

ନାଁ ନଈ ପଠାରେ କଅଁଳଇ ଦୁବ
ନାଁ ମିଳୁଛି ସେହି କଣ୍ଟେଇ କୋଳି
ନାଁ ଭାସୁଛି ସେହି ଅଳକା ନଈରେ
ପାଲ ଡଙ୍ଗା ଆଉ ଭେଳିକି ଭେଳି।

ନାଁ ଦିଶୁଛି ଗାଁ ସବୁଜ ସୁନ୍ଦର
ସେ ତରୁଲତା ସବୁ କାହିଁରେ
ନାଁ କିଏ ଖେଳୁଛି ଦାଣ୍ଡ ଧୂଳିରେ
ସବୁ ପକ୍କା ରାସ୍ତା ହେଲା ଭାଇରେ।

ମତୋ, ଭଦ୍ରକ

" କେବଳ ତୁମପାଇଁ "

ଅଧ୍ୟାପିକା
କ୍ଷୀରୋଦିନୀ ବେହେରା

ତୁମରି ହସରେ ଦିନ
ଛାଡି ଆସିଥିଲି
ପରିଚିତ କେଇଗୋଟି ଶବ୍ଦ
ଆଉ ପ୍ରେମ ବୋଲି
ଯାହାସବୁ ସାଉଁଟି ଧରିଲି

ସେ କେବଳ ମୋ ଅସହାୟତା
ଶବ୍ଦକୋଷରେ ତୁନି ହୋଇ ରହିଥିବା
କେଇଧାଡି ନିଦ ।
କ୍ରମଶଃ ଧିରେ ଧିରେ କମି ଆସୁଥିବା
ଆୟୁଷ ସହିତ ଏବେ
ଅତୀତ ଟା ଲାଗେ ଭାରି ଉଷ୍ମ
ଏବେ କହିବା ଉଚିତ ହେବନି
ତଥାପି କହିରଖେ

ଆବଶ୍ୟକତା ଥିଲ ଜେଣୁ
ତମେ ଶବାଶେଷ ।

ସ୍ମୃତିର କାନଭାସ ତଳେ
ତୁମ ପାଇଁ
ହଁ କେବଳ ତୁମପାଇଁ ପୁଣିଥରେ
ମିଳିଗଲା ମତେ ଜୀବନ୍ୟାସ
କିନ୍ତୁ,
କାଶ୍ମୀର ଘାଟି ପରେ
ଛିଡା ହୋଇଥିବା ସିପାହୀ ଟେ ପରି
ତୁମ ବନ୍ଧୁକ ମୁନରେ ଏବେ
ଭୂଲୁଣ୍ଠିତ ହୁଏ ମୋର ବାକିତକ ହସ ।

ଭୁବନେଶ୍ୱର

" ପ୍ରଥମ ଦେଖା "

ପ୍ରକାଶ କୁମାର ଦାସ

ପ୍ରଥମ ଦେଖାରେ ନିଜର ଲାଗିଲ
ଏମିତି ଏକ ଚେହେରା
ଫୁଲ ପ୍ରଜାପତି ତୁମ ପରି ନୁହେଁ
ସବୁଠୁ ତୁମେ ନିଆରା ।
ଭଲପାଇବାକୁ ମୋର କେମିତି କହିବି
ଓଠ ମୋର ଶୁଖିଉଠେ
ପାଖକୁ ତୁମର ମନ ଚାଲିଯାଏ
ହେଲେ ମନ ମୋର କମ୍ପି ଉଠେ।
ସଭିଙ୍କ ଭିତରେ ତୁମକୁ ଦେଖୁଛି
ତୁମ ଆଖି ମନେପଡ଼େ
ଓଠରେ ମୋ ହସ ଖେଳିଯାଏ
ଯେବେ ତୁମ ହସ ମନେପଡ଼େ।
ଏତିକି କହୁଛି ମୁଁ ତୁମକୁ ପ୍ରିୟା
ହୃଦୟକୁ ମୋର ଦେଖିଯାଅ

ଆଖିରେ ରହିଛି ଅଧୁରା ସପନ

ସ୍ୱପ୍ନ ସତ କରିଦିଅ।
ମୋ ନେତ୍ର ପଲକେ ରହିଅଛ ତୁମେ
ରହିଥିବା ସବୁଦିନ
ତୁମ ସ୍ମୃତି ଭାବି ଏବେବି ଜିଉଁଛି
ଏ ଜୀବନ ଯେତେ ଦିନ।

ଯୁଗଳ,ମୟୁରଭଞ୍ଜ

" ମୋ ପ୍ରିୟା "

ସନ୍ତୋଷ ପ୍ରଧାନ

ଗୋଲାପ ପାଖୁଡା ଓଠ
ଆଖି ନୀଳ କଇଁ
ଚମ୍ପାଫୁଲ ପରି ଦେହ
ଆଗୋ ଚାନ୍ଦ ମୁହିଁ ।
ହରିଣୀ ଚାହାଣି ତୁମ
କଳା ମେଘ କେଶ
ଫୁଲପରି ବାସ୍ନା ତୁମ
ମୁକ୍ତା ଝରା ହସ ।
ନଦୀ ଠୁ ଚଞ୍ଚଳ ତୁମେ
ଜହ୍ନ ଠୁ ଶୀତଳ
କୋକିଳ ଭାଷିନୀ ତୁମେ
ଫୁଲ ଠୁ କୋମଳ ।

ଖୋର୍ଦ୍ଧା

"ଏକାକାର...."

ଇଂ ସସ୍ମିତା ବେହେରା

ଲକ୍ଷେ ଯୋଜନର
ଦୂରତାକୁ ଡେଇଁ
ଏବେ ତ ଆସିଛ ଫେରି...
ତଥାପି କାହିଁକି
ପାଦ କାଢିଲଣି
ହୃଦୟ୍ ମୋ ଚୁନା କରି...

ପ୍ରତୀକ୍ଷାର ଶେଷେ
ପାହାନ୍ତି ପ୍ରହର
ଏ ଯାଏଁ ହୋଇନି ନାଲି..
ଟିକିଏ ଅନ୍ଧାର
ସରିଯାଉ ସାଥୀ
ଯିବ ପଛେ ଦୂରେ ଚାଲି...

ଅସରନ୍ତି ରାତି
ପୁହାଇ ଦେଇଛି
କେଇ ଯୋଡ଼ା ଶବ୍ଦ ନେଇ...
ତୁମେ ଅଛ ବୋଲି
ମୁଁ ଟେ ବଞ୍ଚିଛି
କବିତା ନାୟିକା ହୋଇ...

ନାହିଁ ଅଭିମାନ
ଅଭିଯୋଗ ପେଡି
ଯାଅ ପଛେ ବହୁ ଦୂର...
ଦୁଇ ଆତ୍ମା ଆମ
ଏକ ଓ ଅଭିନ୍ନ
ରହିଥିବା ଏକାକାର...

ସୋଲର,ଛତିଆ,ଯାଜପୁର

" ଅବଶୋଷ "

ସିଦ୍ଧେଶ୍ୱର ତ୍ରିପାଠୀ

ସମୟ ସାଥୀରେ ଚାଲିଯିବି ଦୂର
ମୋ ଜୀବନ ହେବ ଶେଷ
କେହି ନଜାଣିଲେ ତୁତ ଜାଣିବୁ
ମୋ ମନର ଅବଶୋଷ ।

ମିଛ ହସ ପଛେ ଲୁଚିରହିଥିବା
ମୋ ଆଖିର ଯେତେ ଲୁହ
ତୁ ଗଲା ପରେବି ଏଯାଏଁ ତୁଟିନି
ମଉଳା ମନର ମୋହ ।

ଫୁଲେଇଲୋ ତୋର ପଦିଏ କଥାରେ
ସବୁ ହେଲା ସର୍ବନାଶ
ସମୟ ସାଥୀରେ ଚାଲିଯିବି ଦୂରେ
ମୋ ଜୀବନ ହେବ ଶେଷ ।

ଦରପୋଡା ମନ ହଜିଲା ସପନ
ମୋତେ ନିତି ଜାଳୁଥିବ
ସେଇ ଦହନରୁ ମୁକତି ପାଇବି
ଦେହ ଯେବେ ଜଳିଯିବ ।

ନୂଆ ଠିକଣାରେ ଥାଉ ଖୁସିରେ
ଓଠରେ ଥାଉ ତୋ ହସ
ସମୟ ସାଥୀରେ ଚାଲିଯିବି ଦୂରେ
ମୋ ଜୀବନ ହେବ ଶେଷ ।

କୁଣ୍ଡିଲୋ, ଖୋର୍ଦ୍ଧା

" ପ୍ରିୟା ମୋର "

ପର୍ଶୁରାମ ସାହୁ

ପ୍ରିୟା ତୁମେ ମୋର ପ୍ରିୟତମା ସାଜ
ଚାଲିଆସ ଜୀବନରେ
ବଧୂ ବେଶେ ଆସି ଘର କରି ତୁମେ
ରହିଯାଅ ହୃଦୟରେ ।।

ମୋ ହୃଦୟ ଘର ଖୋଲା ତୁମ ପାଇଁ
ପଡ଼ିନାହିଁ ସେଠି ତାଲା
ଆମ ଦୁହିଁଙ୍କର ସୁନ୍ଦର ଯୋଡ଼ିକୁ
ଗଢ଼ିଛି ଉପରବାଲା ।।

ତୁମେ ଆସିଗଲେ ମୋ ହୃଦୟ ଘରେ
ଭରିଯିବ ସବୁ ସୁଖ
ରାଣୀ ହୋଇ ତୁମେ ସେ ଘରେ ରହିବ
ଦେବିନାହିଁ ଯମା ଦୁଃଖ ।।

ଏତିକି ମିନତୀ କରୁଛି ତୁମକୁ
ଚାଲିଆସ ତୁମେ ପ୍ରିୟା
ତୁମର ମୋର ଭଲପାଇବାକୁ
ଦେଖିବ ଏ ସାରା ଦୁନିଆ ।।

ଧର୍ମଶାଳା, ଯାଜପୁର

" ଟଙ୍କାର ଖେଳ "

ଲିପ୍ସା ରାଉତ

ବାହୁନି ବାହୁନି କାହିଁକି କାନ୍ଦୁଛୁ
କିଏ ବା ଶୁଣିବ କାନ୍ଦ
ଏଠି ସବୁ ଭାଇ ଟଙ୍କାର ଖେଳରେ
କେମିତି ବୁଝିବ ଫାନ୍ଦ ।।
ଏଠି ଦରବାରେ ସିଏ ନ୍ୟାୟଯୋଗ୍ୟ
ଯାହା ପାଖେ ଅଛି ଟଙ୍କା
ଗରୀବ ଦୁଃଖିନୀ ଟଙ୍କା ଦେଇ ଦେଇ
ହୁଏ ହାଡ଼ ତାର ବଙ୍କା ।।
ଘରବନ୍ଧା ପଡ଼େ ଜମିବନ୍ଧା ପଡ଼େ
ନିଜେ ବନ୍ଧା ପଡ଼େ ସିନା
ନ୍ୟାୟ ପାଇବାତ ଦୂରର କଥା ଲେ।
ଦାଣ୍ଡେ ବୁଲେ ଧରି ଗିନା ।।
ମାଂସ ଟିଏ ପାଇଁ ବୁଲା କୁକୁର ଲ

ଯେମିତି ନିଅଇ ଝାମ୍ପି
ଆମ ବଡ଼ ବାବୁ ଅଫିସର ମାନେ
ଟଙ୍କା କୁ ନିଅନ୍ତି ରାମ୍ପି ।।
ଗରୀବ ଏଠି ଲୋ ଅଇଁଠା ପତର
ନାହିଁ ତାର ଜମା ଆଦର
ଭୋକ ବିକଳରେ ମରେ ସିନା ସିଏ
କାହାର ନଥାଏ ନଜର ।।
ମୁଠେ ଦାନା ପାଇଁ କିଏ ବିକେ ଦେହ
କିଏ ବିକେ ଗର୍ଭ ସନ୍ତାନ
ଟଙ୍କା ପାଇଁ ଏଠି ସବୁ ଲୋ ପାଗଳ
ଟଙ୍କାରେ ଚାଲେ ଏ ମନ ।।

ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀ
ଏନ୍ ସି କଲେଜ ଯାଜପୁର

" କାବ୍ୟନାୟିକା "

କାହ୍ନୁ ଚରଣ ସାହୁ

ପ୍ରେମ ସଂଜୀବନି ଖୋଜୁଥିଲି ଦିନ
ରସ ହୀନ ଜୀବନରେ
ତୁମେ ଆସିଗଲ ଯେବେଠୁ ଜୀବନେ
ପୀରତି ଶ୍ରାବଣ ଝରେ ।।

ସାଥି ଟିଏ ହୋଇ ପଦାର୍ପଣ କଲ
ହୃଦୟ୍ ଖୋଲା ଆକାଶେ
ଖୁସିର ଫଗୁଣ ଆସିଲା ଜୀବନେ
ସୁଗନ୍ଧେ ମନ ସୁବାସେ ।।

ବିନା ରାଗ ଛନ୍ଦେ ଲେଖିଛି କବିତା
ଅହର୍ନିଷି ତୁମ ପାଇଁ
କବିତା ଗହଳେ କାବ୍ୟ ନାୟିକା ଗୋ
ତୁମେ ସାଜିଛ ମୋ'ପାଇଁ ।।

ମରୁଭୂମି ସମ ଥିଲା ମୋ ଜୀବନ
ଜୀବିତ ତୁମ ଛୁଆଁରେ
ତୁମ ଶ୍ରୀ ବଦନ ଚନ୍ଦ୍ରମା ସମାନ
ନାଚେ ମନ ଉହାଡରେ ।।

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
Email-kahnuchsahus@gmail.com

" ମୋକ୍ଷର ସୁଡ଼ଙ୍ଗ "

ସୁବ୍ରତ କୁମାର ସେନାପତି

ବହୁଦିନର ସ୍ୱପ୍ନିଳ ଅନ୍ଧାର
ଯେତେବେଳେ
ଏକ ନିଆରା ପରିତୃପ୍ତିର ଅଭିବାଦନ

ମୋ ଭାବନା ଆକାଶେ ଆଙ୍କି ଦିଏ

ମାୟାମେଘର ଘଂଚ ଘନଘଟା
ଟୁପଟାପ୍ ଘୋଡ଼ାଟାପୁର ଶବ୍ଦ ପରି
ଯେବେ ଶବ୍ଦାୟିତ ହୋଇ ଉଠନ୍ତି

ସେ ସଂଗୋପିତ ଇଚ୍ଛା ସବୁ
କେଜାଣି କାହିଁକି ଠିକ୍ ସେତିକି ବେଳେ ମୋ ମନ ଓ ଦେହର
ଯେତେ ସବୁ ଚଞ୍ଚଳତା ଠପ୍ ହୋଇଥାନ୍ତି ଆପଣା ଛାଏଁ ।

ଆଉ ହଜି ଯାଏ ତୁମ ଦେହରୁ

ଛତିଆନା ଫୁଲର ସେ ମାଦକତା
ବରଂ ଭାସି ଆସେ କେତକୀର ମହମହ ବାସ୍ନା
ଅବା କେଉଁଠୁ ଝୁଣା ଓ ଧୂପର ସମ୍ମିଳିତ ଗନ୍ଧ ।।
କିଏ ଯେମିତି ଛୁପି ଛୁପି ଆସି କହିଯାଏ-

ଏ ଦେହ ଭୋଗ ନୁହଁ
ଦିଅ ନିଅ ଖାଅର ବିଭତ୍ସ ଶୃଙ୍ଗାର

ଚିରାଚରିତ ଅଶୌଷ୍ଠବ ହାହାକାର

ବରଂ ଏ ଏକ ସାଧନା
ଉତ୍ତୁଙ୍ଗ ଆସ୍ପର୍ଦ୍ଧା ଏଠିଏକ ଜାନ୍ତାବତା ମାତ୍ର
ଲୋଡ଼ା ନାହିଁ ଏଠି କାଣିଚାଏ ଅତୁରପଣ
ବରଂ ଲୋଡ଼ା ଏକ ଅନନ୍ୟ ବିଭୋରପଣ

ଯେଉଁ ବିଭୋରପଣକୁ ପାଥେୟ କରି
ଚେତନାର ଚୈହ୍ନଦୀରେ
ପ୍ରଣୟୀର ଫୁଙ୍ଗୁଳା ଛାତି ସାଜୁ ରକ୍ତଜବା ପ୍ରଲମ୍ବିତା
ଆଉ ଆଉ ତା ରକ୍ତାଭ ଯୋନି ହେଉ
ତୁମ ପାଇଁ ମୋକ୍ଷର ଅନନ୍ୟ ସୁଡ଼ଙ୍ଗ ।
ହୁଏତ ଆଖି ଓ ଓଠର ଏ ପ୍ରତିକ୍ଷା
ଆଙ୍କି ଦେଇପାରେ ଦେହ ସାରା କେତେ କେତେ କ୍ଷତ ଚିହ୍ନ
ତଥାପି ଏ ଦୁଇ ଓଠର ଗରମ ନିଃଶ୍ୱାସ ଭିତରେ
ଅହରହ ଚାଲୁଥାଏ
ମୋକ୍ଷର ନିଶବ୍ଦ ନିକ୍କଣ ।।

ଭୁବନେଶ୍ୱର

" ପ୍ରେମ "



ପବିତ୍ର ବ୍ରହ୍ମପୁତ୍ର ନାୟକ

ମୁଁ ପ୍ରେମରେ ପଡିନି ବୋଲ
ଗଛର ପତ୍ରମାନେ ବି
ଫୁଲର ରେଣୁମାନେ ବି
ପଥର ପାଦ ଚିହ୍ନମାନେ ବି ପ୍ରଶ୍ନ କଲେ

ଏଯାଏ ପଡିନ ତମେ ପ୍ରେମରେ
ବୟସ କେତେ ହେଲାଣି ତମର

ମୁଁ କହିଲି ପ୍ରେମରେ ପୁଣି ବୟସ କଣ ଯେ
ହୃଦୟ ତ ସବୁ କିଛି

ଦେଖିଲି
ସେମାନେ ପବନରେ ଅସ୍ତିତ୍ୱ ହରାଉଛନ୍ତି ।

" ମୋ ଉତ୍କଳ "

ସତ୍ୟ ନାରାୟଣ ମହାନ୍ତି

ରାଜ୍ୟ ମୋ ଓଡ଼ିଶା ସେ ଭାରି ସରସ
ଦିସେ କେଡ଼େ ସୋଭାବନ
ଫୁଟି ଉଠେ ତାର ମହକ ଫୁଲଲୋ
ସତେ ଡାକେ ସିଏ ଧନ।।

ଚେହେରାଟି ତାର ଅତି ଆପଣାର
ହୃଦେ ବାନ୍ଧିଥାଏ ବସା
ପେଟ ପାଇଁ ପୁଣି କାମ କରୁଥାଏ
ଆମରି ଉତ୍କଳ ଚଷା ।।

ସଂଗୀତ ଭରାଏ ଉତ୍କଳ ମାଟିଟା
ଅବିକଳ ତାର ସତା

ଇନ୍ଦ୍ରଧନୁ ଆସି ପିନ୍ଧାଇ ଦିଏ ଯେ
ସାତ ରଙ୍ଗର ଅଳତା ।।

କହିବାକୁ ପୁଣି ମଧୁର ଲାଗଇ
ଆମରି ଓଡ଼ିଆ ଭାଷା
ତାପରି ନାହିଁ କେ ଏସାରା ଜଗତେ
ବାନ୍ଧୁ ଥାଏ ସାଏ ବସା ।।

ଯାଜପୁର

" ବିରାଜ ହେ ଦୁର୍ଗା ମା "

ପ୍ରିୟଙ୍କା ପାଢ଼ୀ

ଭାରତ ଭୂମି ସତରେ କି କେବ
ସ୍ୱର୍ଗ ରାଜ୍ୟ ହେବ?
ଅନ୍ୟାୟ ଅଧର୍ମ ଶୋଷଣ ଧର୍ଷଣ
କେବେ ପୁଣି ଅନ୍ତ ହେବ ।।
ରାମ ବେଶେ ଏଠି ହଜାରେ ରାବଣ
କେମିତି ଚିହ୍ନିବା କୁହ?
ପରଖି ନପାରି ରାହୁର ଗ୍ରାସରେ
ଝରୁଛି ରକ୍ତର ଲୁହ ।।
ଭ୍ରମରେ ପଡିଣ ରାବଣକୁ ଯେବେ
କହିବା ଦାଶରଥି
କଣ୍ଟକିତ ପଥେ ଯିବାକୁ ହେବରେ
ନଥିବେ କେହି ସାରଥୀ।।
ପର୍ବତ କନ୍ଦରୁ ନିଘଞ୍ଚ ବନରୁ
ଶୁଭେ ତ୍ରାହି ଆର୍ତନାଦ

ଦାନବ କବଳୁ ଉଦ୍ଧାର କର ହେ
ଶୁଭେ କରୁଣ ଶବଦ।।
ତ୍ରାହି ତ୍ରାହି ର ସେ ଆକୁଳ ଚିତ୍କାର
ଶୁଭୁନାହିଁ କିବା ତୋତେ
କେମିତି ସହିଛୁ ପାପର ଭାରକୁ
ଅବତର ଏହି ମର୍ତ୍ତ୍ୟ।
ପାପୀର ପାପକୁ ବିନାଶିବା ପାଇଁ
ବିରାଜ ହେ ଦୁର୍ଗା ମା
ଖଣ୍ଡ ଧରିଣ ପାପୀକୁ ସଙ୍ଘହାରୀ
ହୁଅହେ ସନ୍ତାନେ ସାହା।
ଧରାକୁ ଆସ ମା ମହିଷାମର୍ଦିନୀ
ରହିଛୁ ତୋତେ ଅନାଇ
କରୁଣା ବାରି ତୋ ଢ଼ାଳି ଦେବୁ ମା
ରହିବନି ଦୁଃଖ ଛାଇ.....।

ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀ

ଏନ୍ ସି କଲେଜ ଯାଜପୁର

" ଶାଶୁ ଘର ଗାଁ "

କିରଣ ମନିଷା ମହାନ୍ତି

ମେଞ୍ଚାଏ କଳା ବାଦଲ ର
ଆଢୁଆଳରେ ଥିବା ଦୂର ତାରା ଟି
ମୋ ଶାଶୁ ଘର ।
ମୋ ଶୌଶବ୍ୟ ଚୁଲିରୀ ଉତୁରି
ବାହାରି ପଡିଥିବା କ୍ଷୀର ପରି
ଗାଁ ମଶାଣୀରେ।
ସ୍ମୃତି ପୋଡା ଯାଏନୀ
କି ସ୍ୱର୍ଗ ଦୁଆକୁ ବୁହାଜାଏନୀ
ଅହ୍ୟରଣୀର ଶୋଭାଗ୍ୟ
ଶାଶୁ ଘର ଜଞ୍ଜାଲ ଟା
ମାଡି ଆସୁଥିବା ଘୋର ମେଘପରି
ଗୁଂମସୁମ ନ ହେଲେବି
କେଉଁଠି ନା କେଉଁଠ
ତିନ୍ତୁଯାଏ ଘର ପିନ୍ଧା

ପୃଷ୍ଠା ୫୮

ସୂତା ଲୁଗାର କାନି
ପାଦ ଚିହ୍ନ ରେ ଚାଲୁ ଚାଲୁ
ଛିଡିଯାଏ ପାଦ ଘୁଂଘୁର
ଭାଗ୍ୟ ଟା ଖୁବ ହତଭାଗ୍ୟ
କଳଙ୍କର ଟୀକା ସେ ।
ମୋ ସ୍ୱାମୀତ
ଇହକାଳର କଥା କୁହା ଈଶ୍ୱର
ନାଲି ଚୁଡି ଟିକିଏ ସିନ୍ଦୁରରେ ସଜା
ସଞ୍ଜ ଦୀପ ପାଖେ
ଅନେକ ଅଭିନୟ ଏଠି
ଛାତି ଫାଟି ରକ୍ତ ଝରିଲେବି
ଆଖିକୁ ତାଗିଦ ।
ଏ କାହାର ଈଶାରା ରେ
ଚୁପଚାପ ସବୁ କିଛି

ପୁରୀ

"ଅବଗୋଷ"

ଝରଣାର ଝରଝର ଶବ୍ଦରୁ
ପର୍ବତ ଶିଖର ଉପର ବାଦଲର
କଳାହାଣ୍ଡିଆ ମେଘର ରୂପ
ତଡିତ୍ ର ଭୟାନକ ଶବ୍ଦରୁ
ଶିଖିପାରିଲିନିତ।

ଦେବବ୍ରତ ପାଢ଼ୀ

ବୋଉର ଅତୁଳନୀୟ ସ୍ନେହ ରୁ
ବାପାଙ୍କ ଆକଟ ଭରା ଶାସନରୁ
ଭଉଣୀର ଅସୁମାରି ଧୈର୍ଯ୍ୟ
ଭାଇର ସ୍ନେହ ବୋଳା କାନଧରାରୁ
ଶିଖିପାରିଲିନିତ।

ଗାଁ ମୁଣ୍ଡର ବରଗଛ ଓହଳରୁ
କାଖରେ କଳସୀ ଧରି ଆସୁଥିବା ତରୁଣୀଠାର

ବିଦାୟ୍ ବେଳେ କନ୍ୟାଟିର କ୍ରନ୍ଦନ
ନବବଧୁର ନୂଆନୂଆ ଲାଜ ରୁ
ଶିଖିପାରିଲିନି ତ ।

ବଳଦେବଜୀଉ ମନ୍ଦିରର କାରୁକାର୍ଯ୍ୟରୁ
ଗାଁ ମଝିର ଭାଗବତ ଟୁଙ୍ଗି ରୁ
ହରିନାମ ଭଜୁଥିବା ଶ୍ରଦ୍ଧାଳୁ
ଧ୍ୟାନ ନିମଗ୍ନ ମହର୍ଷିଙ୍କ ଠାରୁ
ଶିଖିପାରିଲିନିତ ।
ଚଷାଭାଇର ବଙ୍କିଯାଇଥିବା ଅଣ୍ଟାରୁ
ମରୁଡ଼ି କବଳିତ ଜୀର୍ଣ୍ଣଶୀର୍ଣ୍ଣ ଶରୀରରୁ
ମୁଲିଆ ର ଝରି ପଡୁଥିବା ଶ୍ରମଝାଳ
ସରକାରଙ୍କ ମିଛ ଆସ୍ୱାସନାରୁ
ଶିଖିପାରିଲିନିତ ।

କୁମାର ପୂର୍ଣ୍ଣିମା ରେ ଲୁଚକାଳି ର

ରେ ଦୋଳି ଖେଳ, ପୋଡପିଠାରୁ
ନଦୀ ପଠାରେ ପଡ଼ିଥିବା ଶାମୁକା
ଭାଇ ଭଉଣୀ ର ମିଠା ଝଗଡାରୁ
ଶିଖିପାରିଲିନିତ।

ଜୁଇରୁ ଉଠୁଥିବା ନିଆଁ ଝାସରୁ
ପତ୍ନୀର କରୁଣ କ୍ରନ୍ଦନରୁ
ଜ୍ଞାତି କୁଟୁମ୍ବ ଙ୍କ ଝରି ପଡୁଥିବା ଅଶ୍ରୁ
ଆତ୍ମା ଶାନ୍ତି ନିମିତ୍ତ ଦଶକ୍ରିୟାରୁ
ଶିଖିପାରିଲିନିତ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ
କଟକ

" ବହ୍ନିକନ୍ୟା "

ସ୍ନେହାଶିଷ ମହାନ୍ତି

ନିଜେ ନିଜେ ଜଳୁଛି ବୋଲି ଭାବନି
ମୋତେ ଜାଳିବା ଆସେନି !
ମୁଁ ଜଳିପାରେ,ଜାଳିପାରେ
ଧ୍ୱଂସ ବି କରିପାରେ
ତୁମ ପାପିଷ୍ଟ ଶରୀରକୁ
ଆଖିପିଛୁଳାରେ ....
ମୋର ଶତ ବାରଣପରେ ବି ଅଟକିଲନି
ଛୁଇଁଦେଲ ମୋ ଦେହଟାକୁ
ଦେଖିଲ ତ !
କେମିତି ଛୁଇଁବାମାତ୍ରେ ଜଳିଉଠିଲା
ଦାଉ ଦାଉ ...
ଏବେ ସାମର୍ଥ୍ୟ ଅଛି ଯଦି ସମ୍ଭାଳ
ଆୟତ୍ତ କର ନିଜ ବାହୁ ବନ୍ଧନୀର

ଶୀତଳ କର ତୁମ ଲାଳାୟିତ ଓଠର ସ୍ପର୍ଶରେ
ନହେଲେ ଭସ୍ମ ହେବ ଜାଣ
ଏଇ ମୁହୂର୍ତ୍ତରେ ।
ମୋ ଆଗେ ଜଙ୍ଘ ପିଟି ବଖାଣୁଥିବା
ତୁମ ପୌରୁଷ
ଏବେ ଦେଖିବ
ତ୍ରାହି ତ୍ରାହି ଡାକିବ !
ପାପ ପିଣ୍ଡ ଚିତ୍କାର କରିବ
ପ୍ରାଣ ଟା ବି ମୁକୁଳିବାକୁ ବାଟଅଣ୍ଟାଳିବ ...
ଦେଖିବ ମୁଁ ହସୁଥିବି
ତୁମେ କାକୁସ୍ଥ ହେଉଥିବ
ମୁକ୍ତି ପାଇଁ ନେହୁରା ହେଉଥିବ
ମୋ ଆଗେ ,
ମୁଁ କିନ୍ତୁ ନ୍ୟାୟ କରୁଥିବି
ତୁମ କଲାକର୍ମର ....

ମୟୂରଭଞ୍ଜୀ

" ଗାଁ ରେ ଜନ୍ମ ହୁଏ "

ଅନୁର୍ଯ୍ୟାମୀ ମିଶ୍ର

ତୁ ମତେ କହିଲୁ
ବୋକା ,ନିପଟ ଗାଁଉଲି ମୁର୍ଖଟେ...
ମୋ ଗାଁଆରେ ନଇ,କଇଁ,ଜହ୍ନ,ମନ
ହୃଦୟ,ପ୍ରେମ,ସବୁକିଛି ଅଛି...
ଗୁଳି ନୁହେଁ ଜହ୍ନି ଫୁଲ ଠୋ ଠା ହେଇ ଫୁଟୁଛି...
ନୋ ଏଣ୍ଟ୍ରିର ବୋଡ୍ ନୁହେଁ ଲାଉଡକଂ ଚାଳରେ ମାଡୁଛି..
କୋଉ ଦଳ,ବଳ ନୁହେଁ ମୋ ସାଂଗର
ହାତ କାନ୍ଧରେ ଅଛି.....
ଏଥର କମେଣ୍ଟ ନ ମାରି...ଅଭିଶାପ ଦେ.....
ମୁଁ ସବୁ ଜନ୍ମ ମୁର୍ଖ ଟିଏ ହେଇ ଗାଁଆ ରେ ଜନ୍ମହୁଏ...।।।।

" ସୁଖ ମୋ ଭାଗ୍ୟରେ ନାହିଁ "

ସଞ୍ଜୀୟ୍ ଜେନା

ଜୀବନରେ ଯେବେ ଆଶା କରେ ମୁହି
ସୁଖର ସନ୍ଧାନ ପାଇଁ
ହେଲେ ମୋ ଜୀବନେ ଚାଲିଆସେ କାହିଁ
ଦୁଃଖ ଅସରନ୍ତି ନଈ ।।

ନ ଚାହିଁବି ସେଇ ଦୁଃଖର ନଈରେ
ଭାସମାନ ହୁଏ ମନ
ଯନ୍ତ୍ରଣାରେ ସିକ୍ତ ହୃଦୟଟା ମୋର
ମିଛେ କରେ ଅଭିମାନ ।।

ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଛାତ୍ର
ଏନ୍ ସି କଲେଜ, ଯାଜପୁର

ଗଳ୍ପ ବିଭାଗ

" ନୂଆ ଆହ୍ୱାନ "

ପ୍ରଶାନ୍ତ କୁମାର ନାଥ

ସେଦିନ ଥିଲା ନବ ବର୍ଷ । ନବ ବର୍ଷ ଆସିଲେ ନୂଆ କିଛି କରିବାର ସମ୍ଭାବନା ଜାଗ୍ରତ ହୁଏ । ନୂଆ ଭାବନାରେ ମନ ଉଡ଼ିବୁଲେ । ଆକାଶର ସୂର୍ଯ୍ୟ,ବହୁଥିବା ମଳୟ ସବୁକିଛି ଯେମିତି ନୂଆ ନୂଆ ଲାଗେ । ନୂତନ ବର୍ଷ ଅଭିନନ୍ଦନର ମିଠା ମୂର୍ଚ୍ଛନା ଯେମିତି ପବନରେ ଉଡି ବୁଲୁଥାଏ । ଯାହା ମୁହଁରେ ଶୁଣିବ ହାପି ନିୟୁ ଇଅର ।

ସେମିତି ମୋର ମଧ୍ୟ କିଛି ଆଶା ଥାଏ ସାଙ୍ଗ ମନେ ବହୁତ ଦିନ ଆଗରୁ ଠିକ୍ କରିଥିଲେ ଯେ ନୂଆ ବର୍ଷରେ ସମସ୍ତେ ମିଶି ପାର୍ଟି କରିବା । ଦୁଇ ଦିନ ଆଗରୁ ମାର୍କେଟ ଯାଇ ନୂଆ ଡ୍ରେସ କିଣି ଆଣିଥିଲି । ନୂଆ ବର୍ଷରେ ବହୁତ ସାଙ୍ଗ ମାନଙ୍କର ସମାଗମ ହେବ । ମୋ ପାଖରେ ସିନା ପଇସା କମ କିନ୍ତୁ ଅନ୍ୟ ସାଙ୍ଗମାନେ ତ ବହୁତ ବଡ଼ ଲୋକ । ତାଙ୍କ ସହିତ ଭେଟ ହେବ ମୁଁ ଯଦି ମୋର ସେହି ପୁରୁଣା ଡ୍ରେସ ପିନ୍ଧି ଯିବି ମୋତେ ଖରାପ ଲାଗିବନି । ସେଥିପାଇଁ ନୂଆ ଡ୍ରେସ କିଣି ଆଣିଥିଲି ।

କାଲି ସନ୍ଧ୍ୟାରେ ମଧ୍ୟ ଅଫିସ ଷ୍ଟାଫ ସବୁ ପାର୍ଟି କରୁଥିଲେ । ମୋତେ ମଧ୍ୟ କହିଥିଲେ ସେଥିରେ ଭାଗ ନେବାକୁ । କିନ୍ତୁ ସ୍କୁଲ 2ସାଙ୍ଗ ମାନେ ବହୁତ ଦିନ ପରେ ବଣଭୋଜିର ଆୟୋଜନ କରିଛନ୍ତି । ବହୁତ ଦିନ ହେଲା ବହୁତ ଜଣଙ୍କୁ ଦେଖିନି । ସେଥିପାଇଁ ମନରେ ମଧ୍ୟ ଉତ୍କଣ୍ଠା ଭରି ରହିଥାଏ । ସେଥିପାଇଁ ଅଫିସ ପାର୍ଟିକୁ ଗଲିନି । ସ୍ୱଳ୍ପ ଆୟରେ ଦୁଇ ଦୁଇ ପାର୍ଟିରେ ଯୋଗ ଦେବା ମୋ ପକ୍ଷେ ସମ୍ଭବ ନଥିଲା ।

ସେଦିନ ଥିଲା ନବବର୍ଷର ସକାଳ । ସକାଳୁ ଗାଧୋଇ ପାଧୋଇ ବାହାରିଲି ମନ୍ଦିର ଯିବା ପାଇଁ । ସକାଳୁ ଟିକେ ପ୍ରଭୁ ଦର୍ଶନ କଲେ ମନଟା ହାଲକା ଲାଗେ । ଆଉ ଦିନଟି ଭଲରେ କଟିଯାଏ । ମୋବାଇଲ୍ ର ମାସେଜ ବକ୍ସ ଅଭିନନ୍ଦନରେ ଭରି ଯାଇଥିଲା । ହ୍ୱାଟ୍ସଆପ,ଫେସବୁକ,ମାସେଞ୍ଜୀର ସବୁ ଆଡେ ଖାଲି ହାପି ନ୍ୟୁ ଇଅର ର ମହକ । ରିପ୍ଲାଇ ନଦେଲେ ସାଙ୍ଗମାନେ ଭାବିବେ ବହୁତ ଗର୍ବୀ ହୋଇ ଗଲିଣି । ସେଥିପାଇଁ ଜାଣି ଜାଣି ମାସେଜ ଗୁଡିକ ଓପେନ୍ କରୁନଥାଏ ।

ମନ୍ଦିରରୁ ଫେରୁ ଫେରୁ ଜଣେ ସାଙ୍ଗର ଫୋନ ଆସିଥିଲା । କହିଲା ତୁ ରେଡ଼ି ହୋଇ ଥା ମୁଁ ତୋତେ ଘରୁ ପିକଅପ୍ କରୁଛି । ମୁଁ ତରତର ହୋଇ ବାହାରି ପଡ଼ିଲି । କିଛି ସମୟ ପରେ ସାଙ୍ଗ ଆସି ପହଞ୍ଚି ଗଲା । ଦୁହେଁ ବାହାରିଗଲୁ । ସେତେବେଳକୁ କିଛି

ସାଙ୍ଗ ଆସି ସାରିଥିଲେ ଆଉ କିଛି ଆସୁଥିଲେ ମଧ୍ୟ । ସେମାନଙ୍କ ସହିତ ମିଶିଲା ପରେ ବହୁତ ଖୁସି ଲାଗୁଥାଏ । ମନେ ପଡି ଯାଉଥାଏ ସ୍କୁଲ ବେଳର ସବୁ କଥା । ସକାଳର ପ୍ରାଥନା ପାଖରୁ ଆରମ୍ଭ କରି ଛୁଟି ବେଳର ଚୁଟି ଟଣାଟଣି ପର୍ଯ୍ୟନ୍ତ । ସବୁ ଯେମିତି ଆଉ ଥରେ ତାଜା ହୋଇ ଉଠିଥାଏ ।

ସାଧାରଣତଃ ଏହି ସମୟକୁ ସମସ୍ତେ ପିକନିକ ଋତୁ ବୋଲି କହି ଥାଆନ୍ତି । ଯେଉଁଠି ଦେଖିବ ସାଙ୍ଗ ସାଥୀଙ୍କ ମେଳ । ଖିଆ ପିଆ ମଉଜ ମସ୍ତି । ସେଦିନ ସାଙ୍ଗ ମାନଙ୍କ ସହିତ ମିଶି ବହୁତ ଖୁସି ଲାଗୁଥାଏ । ଖିଆ ପିଆ ସାରି ଆଇଁଠା ପତ୍ର ଗୁଡିକୁ ଆମେ ଏଣେ ତେଣେ ଫିଙ୍ଗି ଦେଲୁ । ଆଉ ଲକ୍ଷ କଲି ଜଣେ ମଧ୍ୟ ବୟସ୍କ ଯୁବକଟେ ଖଣ୍ଡେ ଅଖା ଧରି ସେ ସବୁ ପତ୍ର ଓ ଅଳିଆ ଆବର୍ଜନା ଗୋଟାଉ ଥିଲା । ଦେଖିବାକୁ ବହୁତ ସୁନ୍ଦର ବେଶ ପୋଷକରୁ ଜଣେ ଶିକ୍ଷିତ ଯୁବକ ପରି ଲାଗୁଥାଏ। କେଜାଣି କାହିଁକି ମୋର ମନ ହେଲା ତା ସହିତ ପଦେ ଅଧେ କଥା ହେବା ପାଇଁ । ତାର ପାଖକୁ ଯାଇ ପଚାରିଲି । ତୁମ ବେଶ ପୋଷକରୁ ଜଣେ ଜରି ଗୋଟାଳି ପରିତ ଦେଖା ଯାଉନ କିନ୍ତୁ ନୂଆ ବରଷକୁ ଉପଭୋଗ ନକରି ତୁମେ ଆଜି ପରି ଦିନରେ ଏମିତି ଅଳିଆ କାମ କରୁଛ ଯେ ?

ଯୁବକଟି ଠୋ ଠୋ ହୋଇ ହସି ଉଠିଲା ଆଉ କହିଲା । ବାଃ ବା ବା ଆପଣ ନିଶ୍ଚିତ ଶିକ୍ଷିତ ହୋଇଥିବେ । ଏମାନେ

ଅପଣଙ୍କର କଲେଜ ସାଙ୍ଗ ନହେଲେ ଅଫିସ ଷ୍ଟାଫ ହୋଇଥିବେ ନିଶ୍ଚିତ । ଆପଣ ମାନେ ହେଉଛନ୍ତି ଆଜିର ଶିକ୍ଷିତ ସମାଜରେ ଜଣେ ଜଣେ ସଚେତନ ନାଗରିକ । ଆପଣ ମାନେ ଆଉ ଆପଣ ମାନଙ୍କ ପରି ଅନେକ ଲୋକ ଯେଉଁମାନେ ସ୍ୱଚ୍ଛ ଭାରତ ନାମରେ ଲମ୍ବା ଲମ୍ବା ଭାଷଣ ଦିଅନ୍ତି । ଆପଣ ମାନେ କହି ପାରିବେ ଆପଣ ମାନେ ଖାଇପିଇ ସାରି ଏଣେତେଣେ ଏହି ପତ୍ର ଗୁଡିକୁ ଫୋପାଡ଼ି କେଉଁ ସ୍ୱଚ୍ଛ ଭାରତ ଗଢୁଛ। ଆଉ ଭଲ କାମ କରୁଛ । ଅଥଚ ଆପଣ କହୁଛନ୍ତି ଆପଣ ମାନେ ଫୋପାଡ଼ି ଥିବା ମୂଲ୍ୟବାନ ଦ୍ରବ୍ୟ ଗୁଡିକୁ ସଫା କରି ମୁଁ ଆଳିଆ କାମ କରୁଛି ।

ନବ ବର୍ଷର ଏକ ନୂଆ ଆହ୍ୱାନ ନେଇ ମୁଁ ମୋ କାମ କରି ଚାଲିଛି । ଆଉ ଏହି ନବ ବର୍ଷକୁ ମୁଁ ବହୁତ ଉପଭୋଗ କରୁଛି । ମୁଁ ମଧ୍ୟ ଜଣେ ସଫ୍ଟୱେୟାର ଇଂଜିନିଅର । ଆଉ ଆଜି ଗର୍ବର ସହିତ କହୁଛି ମୁ କୌଣସି ଖରାପ କାମ କରୁନି ଯେଉଁଥିରେ

ମୋତେ ଲାଜ ଲାଗିବ । ସ୍ୱଚ୍ଛ ଭାରତ ଗଢିବା ଆଉ ପରିବେଶକୁ ସ୍ୱଚ୍ଛ ରଖିବା ନିହାତି ଭାବରେ ଏକ ମହାନ କାର୍ଯ୍ୟ ।

ଆଉ ନବ ବର୍ଷର ଏହି ପ୍ରଥମ ଦିନକୁ ମୁ ଏକ ମହତ କାର୍ଯ୍ୟରେ ନିୟୋଜନ କରି ପାରିଛି ବୋଲି ନିଜକୁ ଗର୍ବିତ ମନେ କରୁଛି ।

ମୋ ପାଖରେ ଆଉ କିଛି ଉତ୍ତର ନଥିଲା ସେହି ମହାନ ବ୍ୟକ୍ତିତ୍ୱଙ୍କୁ ପାଇଁ ।

ଘରକୁ ଆସିଲା ପରେ ତାଙ୍କ ମୁହଁରୁ ନିସୃତ ସେହିଁ ମହାନ କଥା ଗୁଡିକ ମୋତେ ବାରମ୍ବାର ଉପହାସ କରୁଥିଲା । ଆଉ ନିଜ ଉପରେ ଘୃଣା ଆସୁଥିଲା । ଆଜି ଯାଏ ସମାଜ ପାଇଁ କିଛିତ କରି ପାରୁ ନାହିଁ । ଅଥଚ ଆହୁରି ଦୂଷିତ କରି ଦେଉଛୁ । ଧନ୍ୟ ଆମ ପରି ଶିକ୍ଷିତ ଯୁବ ସମାଜକୁ ।

ସୁନ୍ଦରପୁର,ଉତ୍ତରକୂଳ ହାଟ୍
ପ୍ରୀତିପୁର,ଯାଜପୁର

"ଫେସବୁକ୍"

ଲକ୍ଷ୍ମଣ କୁମାର ବେହେରା

ଏ ମାଆ ••• ମାଆ, ତୁ କଉଠି ଅଛୁ । ହଁ ଏଇଠିରେ ମୋନା, ରୋଷେଇ ଘରେ । କ'ଣ ହେଲା ଯେ' ଚିଲ୍ଲାଉଛୁ । ମାଆକୁ ଗେଲରେ ଭିଡିଧରି ••• ମୁଁ ସେ ପିଲାକୁ ବାହା ହେବିନି । ବାପାଙ୍କୁ କହିଦେବୁ । କାହିଁକି ? ସେ ତ ଭଲ ପିଲାଟା । ସରକାରୀ ଚାକିରୀ କରୁଛି । ରାଉରକେଲା କଲେଜରେ ଓଡିଆ ଅଧ୍ୟାପକ । ନାମ ତା'ର କାର୍ତ୍ତିକ, ସେ ଭଲ ଲେଖାଲେଖି କରେ କବିତା ଆଉ ଗଳ୍ପ । ଗଳ୍ପ ବହିଟେ ମୋତେ ଉପହାର ଦେଇଛି । ନେ ପଢ । ତୁ ଖୁସିରେ ରହିବୁ । ମୋର ଆଉ ତୋ ବାପାର ପସନ୍ଦ ଅଛି । ତୁ ବି ତ ହଁ କଲୁ ପିଲାକୁ ଦେଖି । ପୁଣି କ'ଣ ହେଲା ? ମୁଁ ତୋ ବାପାଙ୍କୁ କହି ପାରିବିନି । ତୁ କହିବୁ ହେଲେ କହ । ବାହାଘର କଥା ସରିଛି ଆସନ୍ତା ମାସରେ ବାହାଘର ହେବ । ଏକଥା ସାହି ପଡିଶା, ବନ୍ଧୁ ବାନ୍ଧବ, ସମାଜ ଲୋକ ସମସ୍ତେ ଜାଣି ସାରିଲେଣି । ତତେ ଏତେ ବଡ କଲୁ, ପାଠ ପଢାଇଲୁ । ତୁ ଶାଶୁ ଶ୍ୱଶୁର ଘରେ ସୁଖରେ ରହିଲେ ଆମେ ଶେଷ ସମୟରେ ଶାନ୍ତିରେ କାଟିବୁ ଲୋ ମାଆ । ତୋର ସୁଖ ପାଇଁ ତ ଏସବୁ କରୁଛୁ । ଆମର ଆଉ କିଏ ଅଛି ଯେ' କହିଲୁ । ମୋନାଲିସା ଟିକିଏ ନିରବ ରହି କହିଲା ••• ହଉ ହଉ ଠିକ୍ ଅଛି ବାପାଙ୍କୁ କିଛି କହିବୁ ନାହିଁ ।

ବାପା ସୁଶିଲ ମହାନ୍ତିଙ୍କୁ ଛୋଟ ସମୟରୁ ବହୁତ ଡରୁଥାଏ ମୋନାଲିସା । ମାଆ ବାପାଙ୍କର ଏକମାତ୍ର ଅଲିଅଳି କନ୍ୟା ସିଏ । ଏ ବର୍ଷ ବିଏ•ବିଇଡି• ସରିଲା । ଭଲ ପ୍ରସ୍ତାବଟେ ଆସିଛି । କିନ୍ତୁ ମୋନାଲିସା ଯେ' ଆଉ କାହାକୁ ଭଲପାଏ ଏକଥା ତା' ବାପାଙ୍କୁ ସେ କେବେବି ପାଟି ଫିଟେଇ କହି ପାରିବ ନାହିଁ, କାରଣ ତା'ର ବାପା ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ସରଳ ଆଉ ହୃଦୟବାନ୍ ବ୍ୟକ୍ତି ହେଲେ ମଧ୍ୟ ଭାରି କଠୋର ତେଣୁ ଭୟ କରେ ସେ । ଛୋଟ ସମୟରୁ ସବୁକଥା କେବଳ ତା' ମାଆକୁ ହିଁ ସେ କହେ ।

ମୋନାଲିସାର ପ୍ରଚୁର ଭଲପାଇବା ଥାଏ ଜଣେ ସୁସ୍ଥ ସବଳ, ଗୋରା ତକତକ, ଡେଙ୍ଗା ଯୁବକ ପ୍ରତି । ଫେସବୁକ୍ ରେ ବର୍ଷେ ହେଲା ଚିହ୍ନାଜଣା । ନାମ ତା'ର ସଂଜୟ । ଦୁହେଁ ପରସ୍ପରକୁ ଭେଟି ଅନେକ ଥର ଲୁଚିଲୁଚି ସଂପର୍କ ରଖିଲେଣି । ମୋନା କେବେବି କହିପାରିନି ନିଜ ଭଲପାଇବା କଥା, ବାପା ମାଆଙ୍କୁ ।

ସେମାନେ ହେଲେ କେମିତି ଜାଣିବେ ଝିଅର ମନ କଥା ।

ଆଖିରେ ଲୁହ ଆଉ ଛାତିରେ କୋହ ଭର୍ତ୍ତି ମନରେ ନିଜକୁ ନିଜେ ପ୍ରଶ୍ନ କରୁଥାଏ ମୋନା, " ବିବାହ ଠିକ୍ କରିବା ଆଗରୁ ଥରୁଟେ ହେଲେ ବାପା ମୋତେ ପଚାରିଥାନ୍ତେ । " ମୁଁ କାହା କଥା ରଖିବି ?

ସଂଜୟ ଆଉ ନିଜ ବାପା ମାଆଙ୍କୁ ସେ କାହାକୁ ବି ନିଜ ଜୀବନ ବାଟରୁ ଦୂରେଇବାକୁ ଚାହୁଁ ନଥିଲା ।

ଦେଖୁ ଦେଖୁ ବିବାହ ପାଖେଇ ଆସିଲା । ଧୁମଧାମ୍ ରେ ବିବାହ ହେଲା । ମୋନାଲିସା ମନରେ ଟିକିଏ ବି ଖୁସି ନଥାଏ ସେଦିନ । ସେ ହସୁଥାଏ ହେଲେ ସେଇ ହସ ଭିତରେ ବିରାଟ ଯନ୍ତ୍ରଣା ଲୁଚି ରହିଥିବାର ଅନୁଭବ କରୁଥାଏ କାର୍ତ୍ତିକ । ସେ କବି ନା ! ବୋଧେ ସେଥିପାଇଁ ଅନୁଭବ କରୁଥିଲେ । ହେଲେ ପଚାରି ପାରୁ ନଥିଲେ । ମୋନାଲିସାର ହୃଦୟରେ ଅନେକ କଥା ଆଉ ବ୍ୟଥା ଭର୍ତ୍ତି ଥାଏ । ଭାବୁଥାଏ ଗୁଜୁରାଟରୁ ସଂଜୟ ଫେରିଲେ କ'ଣ ଭାବିବେ ମୋତେ, କ'ଣ କହିବେ ? କ'ଣ ଉତ୍ତର ଦେବି ତାଙ୍କୁ । କେବେ ତ ଆଗରୁ ଜଣାଇ ପାରିଲିନି । ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ । ତଥାପି ସେ ହସୁଥାଏ ।

ତା' ଆର ଦିନ ଝିଅ ବିଦା ହେବା ବେଳ ଆସିଲା । ବାପା ମନ ଖୁସିରେ ନାଚି ଉଠୁଥାଏ । ମାଆ ସକେଇ ସକେଇ କାନ୍ଦୁଥାଏ । ଝିଅକୁ ଭିଡି ଧରିଥାଏ, ଜମାରୁ ଛାଡୁ ନଥାଏ । ସାହି ପଡିଶା ସମସ୍ତଙ୍କ ଆଖିରୁ ଲୁହ ଝରାଇ ମୋନାଲିସା ବାପଘରୁ ବିଦାୟ୍ ନେଲା ।

ସେଦିନ ଥିଲା ଚଉଠି ରାତି । କାର୍ତ୍ତିକ ସବୁ କୋଠରୀରେ ଖୋଜିଲେ ମୋନାଲିସାକୁ, ହେଲେ କୌଣସି ଠାରେ ପାଇଲେ ନାହିଁ । ଘରର ସମସ୍ତଙ୍କୁ ଜଣାଇବା ସହିତି ଝିଅର ବାପା ମାଆଙ୍କୁ ଖବର ଦେଲେ । ସମସ୍ତେ ସବୁଆଡେ ପଚାରି ବୁଝିଲେ । କିଛି ସୁରାକ୍ ମିଳିଲା ନାହିଁ । ଶେଷରେ ସମସ୍ତେ ମିଶି ରାଉରକେଲା ପୋଲିସ ଥାନାରେ ଲିଖିତ ଅଭିଯୋଗ କଲେ । ସମସ୍ତେ

ଦୁଃଖରେ ଥାଆନ୍ତି । କାହାରି ଆଖିରେ ନିଦ ନାହିଁ । ଆର ଦିନ ସକାଳ ଠିକ୍ ଆଠଟା ସମୟକୁ ଏକ ଅଜଣା ନମ୍ବରରୁ ସୁଶୀଳ ମହାନ୍ତି ଙ୍କ ଫୋନରେ ରିଂ ହେଲା । ଫୋନ୍ ଉଠାଇଲେ,

- ହେଲୋ, ହଁ, କିଏ କହୁଥିଲେ ?

- ମୁଁ ସଂଜୟ, ନମସ୍କାର ବାପା । ମୋନାଲିସା ମୋ ପାଖରେ ଅଛି । ନିଅନ୍ତୁ କଥା ହୁଅନ୍ତୁ ।

- ବାପା ନମସ୍କାର । ମୁଁ ଭଲରେ ଅଛି । ଏବେ ଆମେ ପୁରୀରେ ଅଛୁ । ମନ୍ଦିରରେ ବିବାହ କଲୁ । ମୋତେ ଆଉ ଖୋଜିବେ ନାହିଁ । ସମୟ ଆସିଲେ ମୁଁ ଆଉ ସଂଜୟ ଘରକୁ ଯିବୁ ।

ସେଦିନ ଅନେକ ସାହସ ଜୁଟାଇ ମୋନାଲିସା ତା'ର ବାପାଙ୍କୁ ସବୁ କହି ଯାଉଥାଏ, ହେଲେ ବାପା କିଛି ବି ନକହି କେବଳ ଶୁଣୁଥିଲେ । ଯେତେବେଳେ କିଛି କଥା ମୋନାକୁ କହିବାକୁ ଚାହିଁଲେ, ସେତେବେଳେ ଫୋନ କଟି ସାରିଥିଲା ।

ସେଦିନ ସୁଶୀଳ ମହାନ୍ତିଙ୍କ ଲୁହ ଶୁଖୁ ନଥାଏ । ଦୁଃଖ ମନରେ ସମସ୍ତେ ଫେରି ଆସିଲେ ନିଜ ନିଜ ଘରକୁ । ଗାଆଁ ଲୋକେ ଅନେକ କଥା କହୁଥାନ୍ତି । କାହାରି କଥା ନଶୁଣି ଘରେ ଚୁପଚାପ ବସିଥାନ୍ତି ସୁଶୀଳ ମହାନ୍ତି ଆଉ ତାଙ୍କ ସ୍ତ୍ରୀ ।

ବାପା ମାଆଙ୍କ ସହ ସବୁଦିନେ ଭଲ କଥାବାର୍ତ୍ତା ଚାଲିଥାଏ ।

ଭଲରେ ଅଛୁ ବୋଲି କହେ । କାଲି ପୁରୀରେ ଥିଲୁ, ଆଜି

ଭୁବନେଶ୍ୱରରେ, କାଲିକି ଗୁଜୁରାଟ ଯିବୁ ••• ଏମିତି ଅନେକ କଥା ।

ପ୍ରାୟ୍ ମାସେ ହେବ ସଂଜୟ୍ ସହିତ ବାହାରେ ରହିବା ପରେ, ଦିନେ ହଠାତ୍ ସକାଳୁ ସକାଳୁ ମୋନାଲିସା ନିଜ ବାପ ଘରକୁ ଫେରି ଆସିଛି । ବାପା ଝିଅକୁ ପଚାରିଲେ ମା' ଜ୍ୱାଇଁ କାହିଁ ? ଟିକିଏ ବାରଣ୍ଡାକୁ ବାହାରି ଆସି, ସଂଜୟ୍ କୁଆଡେ ଗଲେ, ବାହାରେ ତ ନାହିଁ ? କିଛି ବି ଉତ୍ତର ନଥାଏ ମୋନାଲିସା ପାଖରେ । ଝିଅର ନିରବତାରୁ ବାପା କିନ୍ତୁ ସବୁ ବୁଝି ପାରିଲେ ସେଦିନ । ମୋ ଝିଅ ଠକିଗଲା ଭାବି ଅନେକ କାନ୍ଦିଲେ ଦୁଇ ପରାଣୀ । ନିଜ ଘର କଥା କାହାକୁ କହିବେ, କିଏ ବା ଶୁଣିବ ?

ସେଦିନ ତା' ବାପାଙ୍କୁ କ'ଣ ଅବା କହି ବୁଝାଇଥାନ୍ତା ମୋନାଲିସା । ଯାହାକୁ ସେ ଫେସବୁକ୍ ରେ ସଂପର୍କ ବଢାଇ ହୃଦୟର ମନ ମନ୍ଦିରରେ ପୂଜା କରୁଥିଲା, ପ୍ରଚୁର ଭଲ ପାଉଥିଲା । ସେ ଏତେ ବଡ ଠକ ବୋଲି କ'ଣ ସେ ଆଗରୁ ଜାଣିଥିଲା ? ଯିଏ ସଫ୍ଟୱେର ଇଞ୍ଜିନିୟର ବୋଲି କହି ଠକିଦେଲା, ତା'ର ଜୀବନକୁ ପୁରା ବରବାଦ କରିଦେଲା । ସେମିତି ଜଣେ ଠକ, ଧୋପାବାଜ୍, ବେଇମାନ୍, ଟାଉଟର ପିଲାର ନାମ କେମିତି ବା ପାଟିରେ ଧରି ଥାନ୍ତା ସେ । ଫେସବୁକ୍ ରେ ଯେଉଁ ଠିକଣା ସେ ଦେଇଥିଲା, ଯେଉଁଠି ସେ ରହୁଥିଲା, ଯେଉଁ ପରିବାର ସହିତ ତା'କୁ ମିଶେଇଲା, ଯାହା କହୁଥିଲା, ସବୁ ମିଛ । ନା ସେ ଘର ତା'ର ନା ସେ ପରିବାର ।

ସେଦିନ ଫେସବୁକ୍ ନିଶାରେ ସଂଜୟ୍‌କୁ ସିନା ଆପଣାର କଲା, ହେଲେ; ଆଜି ଯେଉଁ ପରିସ୍ଥିତି ସୃଷ୍ଟି ହେଲା ନିଜକୁ ସେ କେବେ କ୍ଷମା କରି ପାରୁ ନଥାଏ । ସେଇ ଦିନଠାରୁ ସେ ଫେସବୁକ୍ ଠାରୁ ଏତେ ଦୂରକୁ ଚାଲିଗଲା ଯେ' ନା ଫୋନ୍ ଧରିଲା ନା ଫେସବୁକ୍ ଖୋଲିଲା । କେବଳ

ପୃଷ୍ଠା ୭୮

ଅତୀତର ଦିନ ଗୁଡିକୁ ମନେ ପକାଇ କୋଠରୀ ଭିତରେ କବାଟ ଦେଇ ନିରବରେ କାନ୍ଦୁଥାଏ ଯେ' କାନ୍ଦୁଥାଏ ।

ପ୍ରତିଷ୍ଠାତା ଓ ମୁଖ୍ୟ ସଂପାଦକ

ପ୍ରେମ

ଏକ ପରିବର୍ତ୍ତନର ସ୍ୱର ...



" ବୋଉ "

ସ୍ୱାଗତିକା ଦାଶ

୧

ସେଦିନ ବାଡ଼ିରୁ ପିଜୁଳି ଚୋରି କରୁକରୁ ବୋଉ ହାତରେ ଧରା ପଡ଼ିଗଲି । ତାପରେ ଆଉ ଯାଏ କୁଆଡ଼େ , ସେହି ପିଜୁଳି ଗଛରୁ ବାଡ଼ିଭାଙ୍ଗି ବୋଉ ପିଠିରେ ନୋଳା ଫଟେଇ ଦେଲା । ଖରାବେଳେ ଅଖିଆ ଶୋଇଗଲି ବୋଉ ଉପରେ ଅଭିମାନ କରି । ହଠାତ୍ କାହା କାନ୍ଧରେ ନିଦ ମୋର ଭାଙ୍ଗିଗଲା । ଦେଖିଲି ବୋଉ ଚୁଲି ପାଖରେ ବସି କାନ୍ଦୁଚି ଆଉ କହୁଚି, " ମୁଁ ତାହାଣି କ'ଣ ନ କଲି । ଛୁଆଟା ସକାଳୁ କିଛି ଖାଇ ନଥିଲା ଯେ ପେଟ ଆସି ପିଠିରେ ଲାଗିଲାଣି । ଉଠି ପଡ଼ନ୍ତୁ। କି କୋଳରେ ବସାଇ ଦି ଟା ଭାତ ଖୋଇ ଦିଅନ୍ତି ।

୨

ସେଦିନ ସାର୍ ଆସିଥିଲେ ଘରକୁ ହାତରେ ତାଙ୍କର ବେଏଁ ଲମ୍ବର ବେତ । ବେତ ଦେଖି ମୁଁ ଯାଇ ବୋଉ ପଛରେ ଲୁଚି ଥରୁଥାଏ । ସାର୍ ବୋଉକୁ କହିଲେ -" କ'ଣ ସବୁ ଦୁଷ୍ଟାମୀ କରୁଛି ଇଏ କୁହନ୍ତୁ ତ, ଏହି ବେତନରେ ତା ପିଠିରୁ ଚାଲ ଉତାରି ଦେବି ।" ବୋଉ କହିଲା -" ନାହିଁ ମ

ପୃଷ୍ଠା ୮୦

ମାଷ୍ଟ୍ରେ ଦୁଷ୍ଟାମୀ ମୋଟେ କରୁନି, କଲେ ମୁଁ କହିବିନି ।" ମୁଁ କିନ୍ତୁ ଠିକ୍ ଦେଖି ପାରୁଥିଲି ବୋଉର ଫୁଲି ଯାଇଥିବା ମଥାକୁ । ମୋ ମନ ପସନ୍ଦର ତରକାରୀ କରିନଥିଲା ବୋଲି ମୁଁ ରାଗରେ ଫୋପାଡ଼ି ଥିବା ବେଲଣା ବାଡ଼ିର ଦାଗ ଥିଲା ସେଇଟା ।

୩

ସେଦିନ ଅଫିସ୍ ରୁ ଫେରି ମୁଁ ଘରକୁ ପଶୁଛି ସ୍ତ୍ରୀ ମୋର କହିଲେ ,"ହୋଇଓ କ'ଣ ଅବସ୍ଥା ହୋଇଛି କି ଝାଳୁଆ ଗନ୍ଧ ଆସୁଛି ତମ ଦେହରୁ ଗଲ ଆଗେ ଗାଧୋଇ ଆସିବ " ଏତିକି କହି ସେ ରୋଷେଇ ଘରକୁ ଚାଲିଗଲେ । ମୁଁ ମୁହଁକୁ ବିକୃତ କରି ବୋଉ ରୁମ୍ ଦେଇ ଗାଧୁଆ ଘରକୁ ଯାଉଛି , ବୋଉ କହିଲା -" ଆରେ ବାବା , ଏତେ ଝାଳରେ ଗାଧୋଇଲେ ଥଣ୍ଡା ହବ ତୁ ବସିଲୁ ।" ତା'ପରେ ନିଜ ପଣତ କାନିରେ ପୋଛି ଦେଇ ଗଲା ଦେହ ମୁଁହ । ମୁଁ ମନେ ମନେ ତୁଳନା କରୁଥିଲି ନାରୀର ଏଇ ଦୁଇ ରୂପକୁ ।

୪

ଅଗଷ୍ଟ ଏକ ତାରିଖ , ଘରକୁ ଆସୁ ଆସୁ ସ୍ତ୍ରୀ କହିଲେ - " ଆଜି ଦରମା ଟା ମିଳିଥିବ ନିଶ୍ଚୟ , ଦେଲ ଦେଲ ସୋଉଦା ଦୋକାନରେ ବାକି ଥିଲା ମୁଁ ଦେଇଆସେ । ହଁ ଶୁଣ.. ଆଜି ସନ୍ଧ୍ୟାରେ ଫିଲ୍ମ ଯିବା ଟିକେଟ କରିଦେବ ।" ଏତିକି କହି ସେ ବାହାରି ଗଲେ ସୋଉଦା ଦୋକାନକୁ । ମୁଁ ଭିତରକୁ ଆସିବି ଦେଖିଲି ବୋଉ ଖଟ ଉପରେ ବସିଛି । ମୋତେ ଦେଖି କହିଲା -" ତୋ ମୁହଁଟା ସୁଖି ଯାଇଛି , ଖାଇନୁ କି ? ଏତିକି କହି ନିଜ ହାତରେ ମୋ ପାଇଁ ଭାତ ବାଢ଼ିଦେଲା । ମୁଁ ଭାବୁଥିଲି ଜନ୍ମ ଜନ୍ମ ପାଇଁ ସାଥି ପୃଷ୍ଠା୮ କରିବାକୁ ଯାହା ହାତ ଧରିଛି ମୋ ଭୋକକୁ ସେ ଠୋଉରେଇ

୫

ବୋଉ ମୋର ବିଛଣାରେ ପଡ଼ିଛି, ଗୋଟେ ପାଦ ତାର ମଶିଣାରେ ଆରଟା ମଶାଣିରେ । ମୁଣ୍ଡ ଉପରେ ଝିଅଟାର ବାହାଘର । ସବୁ ପ୍ରସ୍ତୁତି ପ୍ରାୟ ସରିଲାଣି । ଏହି ଭିତରେ ବୋଉର ଯଦି କିଛି ହୋଇଯାଏ । ବାହାଘର ଟାର କ'ଣ ହେବ ମୁଁ ଭାବିପାରୁନଥାଏ । ଝିଅ ବାହାଘରକୁ ପନ୍ଦର ଦିନ ବିତିଲାଣି ମୁଁ ବୋଉ ପାଖରେ ବସିଥିଲି ବୋଉ ଖନେଇ ଖନେଇ କହିଲା -" ତୋ ଝିଅ ବାହାଘର ଭଲରେ ହୋଇଗଲା , ଏଥର ମୋତେ ମେଲାଣି ଦେ ।" ଆଉ ମୋ ଉତ୍ତରକୁ ଅପେକ୍ଷା ନକରି ସେ ଚାଲିଗଲା ସତେ ଯେମିତି କେବଳ ମୋ ଝିଅ ବାହାଘର ଟା ଭଲରେ ହେଇଯାଉ ବୋଲି ।

ବ୍ରିଟ୍ କଲୋନୀ
ଭୁବନେଶ୍ୱର

ନୂଆ ବହି.....



ସାହିତ୍ୟ ସୁଧା
ଜଲ୍ଲୋଲ

" ଫେରିଆସ ପ୍ରିୟା "

ଜୟଶ୍ରୀ ମହାରଣା

ସମଗ୍ର ପରିବେଶ ଥିଲା ଲୋକାରଣ୍ୟ ।ସମସ୍ତଙ୍କ ଆଖିରୁ ଝରିଯାଉଥିଲା ଲୁହର ଶ୍ରାବଣ ।ମିତ୍ରଠାରୁ ଶତ୍ର ସମସ୍ତେ ସମବେଦନା ଜଣାଉଥିଲେ ।ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ଘେରି ରହିଥିଲେ ନିର୍ବାକ,ନିସ୍ପନ୍ଦ,ନିଶ୍ଚଳ ହୋଇପଡିଥିବା କୀର୍ତ୍ତିପ୍ରଭାର ଶରୀର ନିକଟରେ ।ତିନି ବର୍ଷର ପୁଅ ସାର୍ଥକ ଚକିତ ହୋଇ ଚାହିଁ ରହିଛି ସମସ୍ତଙ୍କୁ ।ବୁଝିପାରୁନି ତା' ମାମାର କଣ ହେଇଛି ।କାହିଁକି କଥା କହୁନି ତା ମାମା ।ଅନ୍ୟ ବେଳେ ତ ସେ ଟିକିଏ ଡାକିଦେଲେ ମାଆ ଦୌଡ଼ି ଆସି ତାକୁ କୁଣ୍ଢେଇ ପକାନ୍ତି ।କିନ୍ତୁ ଆଜି ମାଆ ତ ଜମାରୁ ଶୁଣୁନାହାନ୍ତି ।ସେ ବ୍ୟସ୍ତ ହୋଇପଡୁଥିଲା ।ଆଉ ସତ୍ୟଶିବ ବାବୁ ତ ଜଡ ପାଲଟିଯାଇଥିଲେ ।ନଥିଲା ତାଙ୍କ ଓଠରେ ହସ ନା ଦୁଃଖ ।ନଥିଲା ବେଦନାର ଆଭାସ ନା ଥିଲା ଯନ୍ତ୍ରଣାର ସ୍ପର୍ଶ ।କେବଳ ଆଖି ଦୁଇଟି ନିକ୍ଷେପ ଥିଲା କୀର୍ତ୍ତିଙ୍କର ଶରୀର ଉପରେ ।ଦେହସାରା ଜଳାପୋଡା ଦାଗ ।ପୁନେଇଁ ଜହ୍ନ ପରି ଗୋରା ଚକଚକ ମୁହଁଟି ମଳିନ ହୋଇଯାଇଛି ଯେମିତି ।ମଥାରେ କିନ୍ତୁ ସିନ୍ଦୁର ଟୋପାଟି ଝଲସି ଉଠୁଥିଲା ।ପୋଲିସ ବାବୁଙ୍କ ଠାରୁ ଆରମ୍ଭ କରି ନେତାମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ସ୍ତବ୍ଧ ।

କୀର୍ତ୍ତି ସତରେ ନାଁ ଟି ଯେମିତି କାମ ବି ସେମିତି ।ବାବା ମାଆଙ୍କର ଗୋଟିଏ ବୋଲି ଅଲିଅଳ ଝିଅ ଥିଲା ।ମଧ୍ୟବିତ୍ତ ପରିବାର ହୋଇଥିଲେ ମଧ୍ୟ କୌଣସି ଜିନିଷର ଅଭାବ ନଥିଲା ତାଙ୍କର ।ଯେଉଁ ଅଞ୍ଚଳରେ ଝିଅକୁ ବୋଝ ଭାବି ହତାଦର କରାଯାଉଥିଲା ସେହି ଅଞ୍ଚଳରେ କିନ୍ତୁ ଗୋବର ଗାଡ଼ିଆରେ ପଦ୍ମର ଜନ୍ମ ଘଟିବା ପରି ନିଜର ପ୍ରାଧାନ୍ୟ ବିସ୍ତାର କରିଥିଲେ କୀର୍ତ୍ତି ।ଧନ୍ୟବାଦ ଜଣାଉଥିଲେ ଈଶ୍ୱରଙ୍କୁ ।ଏମିତି ପରିବାର କାହାକୁ ବା ମିଳେ !ବାବାମାଆଙ୍କର ଉନ୍ନତ ,ସୁନ୍ଦର ଚିନ୍ତାଧାରା ପାଇଁ ସେ ସିନା ଆଜି

ନିଜର ସ୍ୱାଧୀନତାକୁ ପାଇପାରିଛି ।ରାଜ୍ୟରେ କନ୍ୟାଭ୍ରୂଣ ହତ୍ୟା,ବଧୂହତ୍ୟା ,ବଳାତ୍କାର ପରି ନାରୀ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ କୀର୍ତ୍ତି କିନ୍ତୁ ବାବାମାଆଙ୍କର ସୁରକ୍ଷା ବଳୟ ଭିତରେ ଥିଲା ।ବାବା ଯେତେବେଳେ ମୋ ଝିଅ କୌଣସି ଗୁଣରେ ପୁଅଠାରୁ କମ ନୁହେଁ ସେ ବି ଦିନେ ସୁନାମ ଅର୍ଜନ କରିବ କହି ତାଙ୍କର ସାହାସ ବଢ଼ାଉଥିଲେ ମାଆ ସେତେବେଳେ ଦୁନିଆର ରୀତିନୀତି,ପରମ୍ପରା ତଥା ସମାଜର ବର୍ତ୍ତମାନ ଅବସ୍ଥା ବିଷୟରେ ଖୁବ ସୁନ୍ଦର ଭାବରେ ତାଙ୍କ ସହ ଆଲୋଚନା କରୁଥିଲେ ।ବିପଦ ସମୟରେ ଧୈର୍ଯ୍ୟ ଧରି ସାମ୍ନା କରିବାକୁ ଉପଦେଶ ଦେଉଥିଲେ ।ଅନ୍ୟାୟ ,ଅକୀର୍ତ୍ତିକୁ ନ ସହି ନିର୍ଭୀକ ,ପରିଶ୍ରମୀ ,ପରୋପକାରୀ ହେବାକୁ ବୁଝାଉଥିଲେ ।ଏମିତି ବାବାମାଆ ଯାହାର ସେ ବା କାହିଁକି ନିଜକୁ ସମାଜରେ ପ୍ରତିଷ୍ଠିତ କରି ନପାରିବ ?

କୀର୍ତ୍ତି ଗ୍ରାଜୁଏସନ ସାରି ପ୍ରଶାସନିକ ସେବା ପାଇଁ ଉଦ୍ଦିଷ୍ଟ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ ।ଏହି ସମୟରେ ତାଙ୍କର ଦେଖା ହୁଏ ସତ୍ୟଶିବଙ୍କ ସହିତ ।ଦୁହେଁ ଦୁହିଁଙ୍କ ପ୍ରେମରେ ପଡିଯାଇଥିଲେ ।ସତ୍ୟଶିବ ଥିଲେ ଗରିବ ।କିନ୍ତୁ ତାଙ୍କ ମନଟି ଥିଲା ବହୁତ ସ୍ୱଚ୍ଛ ।ଶିକ୍ଷିତ ସତ୍ୟ କିନ୍ତୁ କର୍ମସଂସ୍ଥାନ ପାଇଁ ଚେଷ୍ଟା ଚଳାଉଥିଲେ ।ଏହି ସମୟରେ କୀର୍ତ୍ତିଙ୍କର ବିବାହ ପାଇଁ ବାବାମାଆ ବ୍ୟସ୍ତ ହୋଇପଡିଥିଲେ ।ବାବା ମାଆଙ୍କୁ ସତ୍ୟଙ୍କ ବିଷୟରେ କହିଥିଲେ କୀର୍ତ୍ତି ।ସବୁ ବାବା ମାଆଙ୍କ ପରି କୀର୍ତ୍ତିଙ୍କର ବାବାମାଆ ବି ଖୋଜୁଥିଲେ ଚାକିରିଆ,ଧନୀ ବରପାତ୍ର ।କିନ୍ତୁ କୀର୍ତ୍ତି ସେମାନଙ୍କୁ ବୁଝାଇଥିଲା ଧନ କିମ୍ବା ଚାକିରୀ ମଣିଷକୁ ସାମାନ୍ୟ ସୁଖ ଦେଇଥାଏ ।ଯଦି ସେ ପୁଅଟିର ସୁନ୍ଦର ମନଟିଏ ନଥିବ,ସ୍ତ୍ରୀ କୁ ନିଜ ଦାସୀ ବୋଲି ମନେ କରୁଥିବ ତେବେ କଣ ତୁମ ଝିଅ ସାରାଜୀବନ ଖୁସି ପାଇପାରିବ ?ଉତ୍ତର ନଥିଲା ସେମାନଙ୍କ ପାଖରେ ।ସାକ୍ଷାତ ପରେ ସତ୍ୟଙ୍କ ଚାଲିଚଳନ,ବ୍ୟବହାର,ଚିନ୍ତାଧାରା ପ୍ରଭାବିତ କରିଥିଲା ସେମାନଙ୍କୁ ।ଖୁସିରେ ନିଜ ରାଜଜେମାଙ୍କୁ ସତ୍ୟଙ୍କ ହାତରେ ଟେକି ଦେଇଥିଲେ ବାବାମାଆ ।

ବିବାହର ପ୍ରଥମ ରାତିରୁ ହିଁ ଦୁହେଁ ଦୁହିଁଙ୍କ ଅଧା ସୁଖଦୁଃଖରେ ସାମିଲ ହୋଇ ସମାଜରେ ନିଜ ସମ୍ପର୍କକୁ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରେଇବାର ଶପଥ ନେଇଥିଲେ ।ଦୁହିଁଙ୍କର ବୈବାହିକ ଜୀବନ ସୁନ୍ଦର ଭାବରେ ଗତିଚାଲିଥିଲା ।ସୁଖମୟ ,ଅପାଣୋରା ମୁହୂର୍ତ୍ତକୁ ହାତ ମୁଠାରେ ଧରି ଦୁହିଙ୍କ ଜୀବନ ହସିଉଠୁଥିଲା ।କାହିଁକି ବା ହେବନି ଯେ ?ଝିଅଟିଏ ପରଘରକୁ ଆସେ ।ପରକୁ ଆପଣା ମଣେ ।ବିଶ୍ୱାସ,ଭରସା କୁ ପାଥେୟ କରି ହାତଧରି ଚାଲିଆସିଥିବା ପୁଅ ପାଖରେ ବାବାଙ୍କ ପରି ସୁରକ୍ଷା, ମାଆଙ୍କ ପରି ସ୍ନେହ,ଭାଇ ଭଉଣୀଙ୍କ ପରି ଅଳିଅଢ଼ଟ ଆଉ ନିଜ ହୃଦୟର ରାଜାଙ୍କ ଠାରୁ ଅସରନ୍ତି ପ୍ରେମ ଆଶା କରେ ।ସତ୍ୟ ତ ଥିଲେ ସତ୍ୟର ଅବତାର ।କୀର୍ତ୍ତିଙ୍କର ସମସ୍ତ ଆଶା ପୂରଣ କରିପାରିଥିଲେ ।ହଁ କୀର୍ତ୍ତି ବି ଥିଲା ବହୁତ ବୁଝିବାର ।ସ୍ୱାମୀଙ୍କର ସ୍ୱଳ୍ପ ଆୟରେ ଖୁସି ଖୋଜିବାରେ ସେ ଥିଲା ସିଦ୍ଧହସ୍ତ ।ସେଥିପାଇଁ ତ ସାଇପଡ଼ିଶା ଠାରୁ ଗାଁ ଗଣ୍ଡା ଯାଏଁ ତାଙ୍କର ଆଦର ଥିଲା ।

ତାଙ୍କର ହସଖୁସିର ଜୀବନକୁ ରଙ୍ଗୀନ କରିଦେଇଥିଲା ପୁଅ ସାର୍ଥକ ।ତାହାର ଦରୋଟି ହସ,ଠୁକୁଠୁକୁ ଚାଲି,ଗୁଲୁଗୁଲୁ କଥାରେ ସତେ ଯେମିତି ଅମୃତ ଝରିଯାଉଥିଲା ।

ସରକାରୀ ଚାକିରୀକୁ ନଚାହିଁ ନିଜ ପୈତୃକ ଜମିରେ ଚାଷବାସ କରୁଥିଲେ ସତ୍ୟ ।କୀର୍ତ୍ତି ମଧ୍ୟ ବାରମ୍ବାର ଚେଷ୍ଟା କରିଥାନ୍ତି ଚାକିରୀ ପାଇଁ ।ଏଇ କିଛି ଦିନ ହେବ କୀର୍ତ୍ତି ସରକାରୀ ଚାକିରୀଟିଏ ପାଇଥିଲେ ।ନିଜ ଅଞ୍ଚଳର ଗୋଷ୍ଠୀଉନ୍ନୟନ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ ।ନାରୀ ତ କର୍ମନିପୁଣା ।ସକାଳରୁ ସଞ୍ଜ ଯାଏଁ ଖଟିଚାଲିଥାଏ ନା ଥାଏ ଥକ୍କାପଣ ନଥାଏ ଅବଶୋଷ ।

ସବୁଦିନ ପରି ଆଜି ମଧ୍ୟ ନିଜର ସମସ୍ତ ଘରକାମ ସାରି ସ୍ୱାମୀଙ୍କୁ ପୁଅର ଯତ୍ନ ନେବା ପାଇଁ ତିନିଦିନ ପାଇଁ ନିର୍ବାଚନ କାର୍ଯ୍ୟରେ ଅନ୍ୟ ଅଞ୍ଚଳକୁ ଯିବେ ବୋଲି କହିଯାଇଥିଲେ । ଆଉ ଚାରିଦିନ ପରେ ଦୁହିଁଙ୍କର ବିବାହ

ବାର୍ଷିକୀ ଖୁବ ଆନନ୍ଦରେ ପାଳନ ପାଇଁ ପ୍ରତିଶ୍ରୁତି ଦେଇ ଯାଇଥିଲା ।ନିଜର ଯତ୍ନ ନେବା ପାଇଁ ଏବଂ ସମୟ ବାହାର କରି ଫୋନ କରିବା ପାଇଁ ସତ୍ୟ ବାରମ୍ବାର ତାଗିଦ କରିଥିଲେ ।ପୁଅର ଗାଲରେ ସ୍ନେହର ଚୁମ୍ବନଟିଏ ଦେଇ ଯେଦିନ ଖୁସି ଖୁସି ନିଜ କର୍ମ ପଥରେ ଆଗେଇ ଆସିଥିଲେ କୀର୍ତ୍ତି ।ନିଜର ସହକର୍ମୀଙ୍କ ସହ ଗନ୍ତବ୍ୟ ପଥକୁ ଯିବା ସମୟରେ ହଟାତ ପ୍ରଚଣ୍ଡ ଶବ୍ଦରେ ଜଳିଉଠିଥିଲା ତାଙ୍କର ଗାଡିଟି ।ଜୀବନ୍ତ ଦଗ୍ଧ ହୋଇଯାଉଥିଲେ ସମସ୍ତ କର୍ମୀ ।ଆତଂକବାଦୀମାନଙ୍କର ଫାଶରେ ପଡିଯାଇଥିଲେ ସେମାନେ ।ହାରି ବସିଥିଲେ ନିଜର ଜୀବନ ।ନୁଆଁ ଉତ୍ସାହ ନୁଆଁ ପ୍ରେରଣା ନେଇ ଯାଉଥିବା ଚଳଚଞ୍ଚଳ ଶରୀର ପାଲଟି ଯାଇଥିଲେ ଶାନ୍ତ,ସ୍ଥିର ।

ପ୍ରକୃତିର ଏ କି ବିଚିତ୍ର ରୀତି ।କାହାର ଖୁସି ଦେଖିଲେ କଣ ସହିପାରେନା କି ?କୀର୍ତ୍ତି ତ କାହାର କ୍ଷତି କରିନଥିଲେ ତଥାପି କାହିଁକି ଯେ ରାକ୍ଷସମାନଙ୍କର ଶିକାର ହୋଇଗଲେ ?କିଏ ଦେବ ତାଙ୍କ ପୁଅ ମୁହଁରେ ହସ ।?କିଏ ବଢାଇଦେବ ସହଯୋଗର ହାତ ସତ୍ୟଙ୍କୁ ?କିଏ ଫେରାଇଦେବ ତାଙ୍କର ହସଖୁସିର ମୁହୂର୍ତ୍ତଗୁଡିକୁ ।କିଏ ଫେରାଇଦେବ କୀର୍ତ୍ତିମୟୀ ଜୀବନ୍ତ କୀର୍ତ୍ତିକୁ? ନା ସବୁ ସରିଯାଇଛି ।କୀର୍ତ୍ତି ସିନା ଅହ୍ୟରାଣୀ ହୋଇ ନାରୀ ଜନ୍ମର ପୂଣ୍ୟତା ଲାଭକରି ଏ ଦୁନିଆରୁ ଚାଲିଗଲେ ହେଲେ ସତ୍ୟ ସେ ତ କୀର୍ତ୍ତି ବିନା ଅଧୁରା ।ଅହ୍ୟଡେଙ୍ଗୁରା ବଜାଇ କୀର୍ତ୍ତିକୁ ଶ୍ମଶାନଘାଟକୁ ନେଇଯିବାର ବେଳ ଆସିଛି ।ନିଜ ଆଖିର ଦୁଇଟୋପା ଅମାନିଆ ଲୁହ ଝରାଇ ସତ୍ୟ କେବଳ ଏତିକି ଆଶା କରୁଛନ୍ତି ।ଫେରିଆସ ପ୍ରିୟା ।ଫେରିଆସ ତୁମ ସତ୍ୟ ପାଖକୁ ।ତୁମ ବିନା ତୁମ ସତ୍ୟ ଅଧୁରା ।କୀର୍ତ୍ତି ସିନା ସ୍ୱଳ୍ପ ଜୀବନକାଳରେ

କୀର୍ତ୍ତି ରଚିଚାଲିଗଲେ ହେଲେ ଏକା ହୋଇ ଯାଇଥିବା ସତ୍ୟ ଆଉ ସାର୍ଥକକୁ କି ସାନ୍ତ୍ୱନା ଦେବି ଜାଣିପାରୁନଥିଲି ।କେବଳ ଭଗବାନଙ୍କୁ ଡାକୁଥିଲି ସେମାନଙ୍କୁ ଧୈର୍ଯ୍ୟ ଦେବା ପାଇଁ ।ସେମାନଙ୍କ ଖୁସି ଫେରାଇଦେବା ପାଇଁ ।ଏ ଅପୂରଣୀୟ କ୍ଷତିକୁ ଭରଣା କରିବା ପାଇଁ ।

ବାଣପୁର, ଖୋର୍ଦ୍ଧା

"ମୋ ବାପା "

ସତ୍ୟ ପ୍ରକାଶ ନାୟକ

ମନୋହର ଦଳେଇ(ମନୁଆ) ସବୁଦିନ ପରି ମଇ ମାସ ତହ ଖରାରେ ମଧ୍ୟ ଲାଗିପଡିଥିଲେ ଫୁଲ ବଗିଚାରେ ।ବଗିଚାଟି ଥିଲା St.xavier public school ର, ତାହାହିଁ ଥିଲା ତାର. ପରିବାର ପୋଷଣ ର ଏକମାତ୍ର ମାଧ୍ୟମ ।ସେହି ସମୟରେ ପିଅନ ତରବର ହୋଇ ଆସି ପହଞ୍ଚିଛି ମନୁଆ ପାଖରେ ଓ ଧଇଁସଁଇ ହୋଇ "ମନୁଆ ତୁମକୁ principal ସାର୍ ଡାକୁଛନ୍ତି" ।ଏହା ଶୁଣି ମନୁଆ ମୁଣ୍ଡ ରେ ବଜ୍ରପାତ ।ଚାକିରୀ ଚାଲିଗଲାକି , ଚାକିରି ଚାଲିଗଲେ ଏକମାତ୍ର ଅଲିଅଳି ଝିଅକୁ ପଢାଇବ କିପରି????? ଏହିପରି ମନରେ ଅନେକ ଅନେକ ଆଶଂକାରେ

ଡରି ଡରି କେତେବେଳେ principal ସାରଙ୍କ କବାଟ ପାଖରେ ପହଞ୍ଚିଛି ନିଜକୁ ମଧ୍ୟ ଜଣାନାହିଁ। ମନୁଆକୁ ନ ଚାହିଁ principal ସାର୍ ତା ଆଡକୁ ବଢାଇଦେଇଥିଲେ ଏକ କାଗଜ ଖଣ୍ଡ ।ଏତିକ ମଧ୍ୟରେ ମନୁଆର ଅଧେ ପ୍ରାଣ ବାହାରିଗଲାଣି।

ସାର୍:ନିଅ ଯ୍ୟାକୁ ଶ୍ରୁତି (ମନୁଆର ଝିଅ)କଣ ଲେଖିଛି ପଢ।

ମନୁଆ:(ଭୟ ମିଶ୍ର କ୍ଷୀଣ କଣ୍ଠରେ) ବାବୁ ମୁଁ ତ ମରୁଖ ଲୋକ ସେଥିରୁ କଣ ବା ବୁଝିବି।ଯଦି ସେ କିଛି ଭୁଲ କରିଛି ସେଥିପାଇଁ ମୁଁ କ୍ଷମା ମାଗିନେଉଛି ।ଆଉ କିଛି କହି ଆସୁଥିଲା ବୋଧେ

ସାର୍:ମନେମନେ ଆପଣ ବହୁତ କଥାଭାବିନେଉଛ ଆପଣଙ୍କ ।ଝିଅ ଆମ ର

ଗୌରବ।ଏତିକି କହି ଲେଖାଟିକୁ ନିଜେ ପଢିବାକୁ ଆରମ୍ଭ କଲେ।

(ତାହା ଥିଲା ବିଶ୍ୱ ମାତୃ ଦିବସ ଉପଲକ୍ଷେ ଆୟୋଜିତ ଏକ ପ୍ରବନ୍ଧ ପ୍ରତିଯୋଗିତାର ଶ୍ରୁତି ଲେଖିଥିବା ଉତ୍ତର ଖାତା)

ମା' କଣ ଜାଣିବା ପୂର୍ବରୁ ହରାଇ ବସିଥିଲି ମୋ ମା' କୁ, ହେଲେ ମା' ର ଅଭାବ ମୁଁ କେବେ ଅନୁଭବ କରିନି।ବଂଶ ରକ୍ଷା ପାଇଁ ତାଙ୍କୁ ଦ୍ୱିତୀୟ ବିବାହ ପାଇଁ ବାଧ କରାଯାଇଥିଲା କାରଣ ତାଙ୍କୁ ଲୋଡା ଥିଲା ଏକ ପୁଅ।ମୁଁ ତ ଥିଲି ଅଲୋଡା ଝିଅ ପୁଣି ମା' ଖାଇ।କିନ୍ତୁ ଏସବୁକୁ ଯେ ଖାତିର୍ ନକରି ବଡ ସରାଗରେ ମୋତେ ଆଦରି ନେଇ ଚାଲିଆସିଥିଲେ ଭୁବନେଶ୍ୱର ।ସେବେଠାରୁ ମୋ ବାପା ମୋ ପାଇଁ ବାପା,ମା',ଜେଜେ,ଜେଜେମା',ଦାଦା, ଖୁଡି ସବୁକିଛି ।ମନେମନେ ସ୍କୁଲର କର୍ତ୍ତୃପକ୍ଷଙ୍କୁ ମନେମନେ ଦୁଇଥର ଧନ୍ୟବାଦ ଦିଏ ଯେ ମୋ ବାପାଙ୍କୁ ମାଳି ଭାବେ ଚାକିରି ଓ ମୋତେ ଏତେ ବଡ ସ୍କୁଲରେ ପଢିବାର ସୁଯୋଗ ଦେଇଥିବାରୁ ।ମୁଣ୍ଡ ଝାଳକୁ ତୁଣ୍ଡରେ ମାରି ଏତୁଟିଏରୁ ଏତେ ବଡ କରିଛନ୍ତି ।ନିଜେ ନ ଖାଇ ମୋ ପାଇଁ ବହି ଖାତା କିଣି ଦେଇଛନ୍ତି ।ଅନ୍ୟମାନଙ୍କ ପରି ମୋ ପାଇଁ ଭଲ ଡ୍ରେସ୍ କିଣି ଦେଇଛନ୍ତି ।

ମାତୃଦିବସ ରେ ସ୍କୁଲର ନିୟମ ଭଙ୍ଗ କରିଥିବାରୁ ମୁଁ କ୍ଷମା ମାଗିନେଉଛି ।ଏଥିପାଇଁ ମୋତେ ମାର୍କ ମିଳିବ ନାହିଁ ଜାଣିଛି କିନ୍ତୁ

ମିଛ ଲେଖିଥାନ୍ତି ବା କିପରି??? ମୁଁ ଜାଣେ "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ" କିନ୍ତୁ ଏହା ଥିଲା ମୋ ପାଇଁ ସାତ ସପନ।ମୋ ପାଇଁ ମୋ ବାପାଙ୍କଠାରୁ ଭଲ ମା' ଏ ଜଗତରେ ନାହିଁ ।

"ପିତା ସ୍ୱର୍ଗଃ ପିତା ଧର୍ମଃ ପିତା ହିଁ ପରମଂ ତପଃ ,ପିତରି ପ୍ରତିମା ପ୍ରଣୟେ ପ୍ରିୟନ୍ତି ସର୍ବ ଦେବତାଃ "। ଏହା ମଧ୍ୟରେ କେତେବେଳେ ଅନ୍ୟ ଶିକ୍ଷକମାନେ ଆସିଗଲେଣି କାହାକୁ ଜଣାନାହିଁ।

ମନ୍ଦାଆ କାଗଜଟିକୁ ଛାତିରେ ଜାବୁଡି ଧରି ଛଳଛଳ ଆଖିରେ ଚାହିଁ ରହିଥିଲା Principal ସାରଙ୍କ ମୁଁହକୁ..... କେନ୍ଦ୍ରାପଡ଼ା

" ହସ-ଏକ ବେଦନାର "

ଅନୁପ କୁମାର ଦଳବେହେରା

ରାଜଧାନୀର ପଞ୍ଚତାରକା ଭୋଜନାଳୟରେ ସେଦିନ ଆୟୋଜିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଶ୍ରୀମତୀ ପ୍ରିୟଦର୍ଶିନୀ ସାହୁ ଓରଫ ପ୍ରିୟା ।ଭୋଜନାଳୟର ଚାକଚକ୍ୟ ଓ ବିଳାସପୂର୍ଣ୍ଣ ବାତାବରଣକୁ ଦେଖି ଉତ୍ଫୁଲିତ ହୋଇଉଠୁଥିଲା ପ୍ରିୟା ।ମନେମନେ ଗର୍ବ କରୁଥିଲା ଶ୍ରୀମାନ ଶ୍ରୀମନ୍ତ ସାହୁଙ୍କ ଧର୍ମପତ୍ନୀ ହିସାବରେ ।ଶ୍ରୀମନ୍ତ ଜଣେ ସଫଳ ବ୍ୟବସାୟୀ ଭାବରେ ରାଜଧାନୀର ଗଳିକନ୍ଦିରେ ପରିଚିତ ।ଏହି ସନ୍ଧ୍ୟାର ଆୟୋଜନ ମଧ୍ୟ ତାଙ୍କ ସଫଳତାର ଖୁସି ବାଣ୍ଟିବା ପାଇଁ ଥିଲା ।ରାଜଧାନୀର ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ନିଜ ଧର୍ମପତ୍ନୀଙ୍କର ପରିଚୟ କରାଉଥାନ୍ତି ଶ୍ରୀମନ୍ତ ।ପ୍ରିୟାର ଖୁସି କହିଲେ ନସରେ ।ତା ଭାଗ୍ୟରେ ଏତେ ଖୁସି ଅଜାଡି ହୋଇପଡୁଛି ବୋଲି ।

ଧୀରେଧୀରେ ବାହାରେ ସୁନେଲି ସନ୍ଧ୍ୟା ଟା ନଇଁ ଆସୁଥିଲାବେଳେ ହୋଟେଲର ପରିବେଶ ରଙ୍ଗୀନ ଆଲୋକମୟ ଓ ଚଳଚଞ୍ଚଳ ହୋଇଉଠୁଥିଲା ।ଏହି ସମୟରେ ଭାଷ୍ୟକାର ସମସ୍ତଙ୍କୁ ନିଜର ଆସନ ଗ୍ରହଣ କରିବାକୁ ଘୋଷଣା କଲେ ।ତତ୍ପରେ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କଲେ ।କାର୍ଯ୍ୟକ୍ରମର ପ୍ରଥମ ଭାଗରେ ଆୟୋଜିତ ହୋଇଥିଲା କବିତା ଆସର ।ଏହା ଶୁଣି ପ୍ରିୟା ଆଶ୍ଚର୍ଯ୍ୟ ହୋଇ ଖୁସିରେ ଶ୍ରୀମନ୍ତଙ୍କୁ କୋଳାଗ୍ରତ କରିପକାଇଲେ ।ଶ୍ରୀମନ୍ତ ଜାଣନ୍ତି ପ୍ରିୟାଙ୍କର କବିତା ପ୍ରତି ଥିବା ଅହେତୁକ ଦୁର୍ବଳତାକୁ ।ପ୍ରିୟା କୃତଜ୍ଞତା ଜ୍ଞାପନ କରୁଥିଲା ।

ପୂର୍ବରୁ ଆମନ୍ତ୍ରିତ କବିମାନଙ୍କ ମଧ୍ୟରୁ ବ୍ୟଙ୍ଗ କବିମାନେ ନିଜ କବିତାର ଯାଦୁରେ ଉପସ୍ଥିତ ଶ୍ରୋତାଙ୍କ ମୁହଁରେ ହସର ଧାର ଝରାଇଥିଲେ ।ହଟାତ ପ୍ରିୟାର ମୁହଁ ମଳିନ ପଡ଼ିବାକୁ ଲାଗିଲା ।ମୃଗ ପରି ନୟନ ଦୁଇଟି ଚକିତ ହୋଇଗଲା ।ଓଠରୁ ଲିଭି ଆସୁଥିଲା ହସ ।ଆଖି ସାମ୍ନାରେ ଚିହ୍ନା ପରିଚିତ ହସହସ ମୁହଁକୁ ଦେଖି ପ୍ରିୟା ର ଆଖିରେ ଲୁହ ଜକେଇ ଆସିଥିଲା ।ପ୍ରୀତମ କାରଣ ପଚାରିବାରୁ ପ୍ରିୟା ବିଭିନ୍ନ ଆଳ ଦେଖାଇଥିଲା ।

ସେଇ ଚିହ୍ନା ପରିଚିତ କବିଙ୍କର କବିତାର ପ୍ରଥମ ପଂକ୍ତି ଶୁଣି ନିଜକୁ ରୋକିପାରିନଥିଲା ପ୍ରିୟା ।ଆଖିରୁ ଦୁଇଧାର ଅଜାଣିଆ ଲୁହ ଝରି ଆସୁଥିଲା ।

କରୁଥିଲି ଦିନେ ତୁଳନା ପ୍ରିୟାକୁ
ଜହ୍ନ ଠାରୁ ତୁମେ ସୁନ୍ଦର ଅତି
ସେ ଲାଗି କଳଙ୍କ ମୋ ଦେହେ ବୋକିଲା
ସମ୍ପର୍କ କୁ କରିଗଲା ସେ ଇତି।

ପ୍ରିୟା ହଜିଯାଉଥିଲା ବିଗତ 5 ବର୍ଷ ତଳର ଦୁନିଆକୁ

ପ୍ରିୟା ଥିଲା ବାଣପୁର ମହିଳା ମହାବିଦ୍ୟାଳୟର +3 ତୃତୀୟ ବର୍ଷ କଳା ଛାତ୍ରୀ ।ଅନେକ ଯୁବକ ଥିଲେ ପ୍ରିୟା ପାଇଁ ପାଗଳ ।ପ୍ରିୟା କିନ୍ତୁ ଦେଖିଚି ପ୍ରୀତମକୁ କଲେଜ ନିକଟରେ ଥିବା ଚା ଦୋକାନ ପାଖରେ ବସି ବନ୍ଧୁମାନଙ୍କ ସହ କବିତା ବିଷୟରେ ଆଲୋଚନା କରୁଥିବାର ।ଅନେକ ଯୁବକ ଲୋଭିଲା ଦୃଷ୍ଟିରେ ପ୍ରିୟାକୁ ଚାହିଁ ରହିଥିବା ବେଳେ ପ୍ରୀତମ କିନ୍ତୁ କେବେ ତା,ଆଡ଼କୁ ନଜର ଦିଅନ୍ତି ନାହିଁ ।ସେ କେବଳ ମଗ୍ନ ଥାଆନ୍ତି କପେ ଚା, ଖଣ୍ଡେ ସିଗାରେଟ ଆଉ କବିତାର କିଛି ଧାଡିରେ ଗୋଟିଏ ଗରିବ ଲୋକଙ୍କୁ ନିଜର ହସରେ ଖୁସି ବାଣ୍ଟିବାର ଦେଖିଚି ପ୍ରିୟା ।

ବୋଧହୁଏ ଅଜାଣତରେ କେମିତି କେଜାଣି ହୃଦୟ ଭିତରେ ପ୍ରୀତମକୁ ଜାଗା ଦେଇସାରିଥିଲା ପ୍ରିୟା ।ଅନେକଥର ଭେଟିବାକୁ ଚାହିଁ ମଧ୍ୟ ସାହାସ ଜୁଟାଇ ପାରିନଥିଲା ।ଆଧୁନିକ ମଣିଷ ସିଏ ।ମୁଖପୁସ୍ତିକାରୁ ପ୍ରୀତମକୁ ଖୋଜି ନେଇ ବନ୍ଧୁତ୍ୱ ପାଇଁ ଅନୁରୋଧ ପଠାଇଥିଲା ।ଧୀରେ ଧୀରେ ବନ୍ଧୁତ୍ୱ ଗଭୀର ହେଲା ।ପ୍ରିୟା ନିଜ ମନକଥା ପ୍ରୀତମକୁ କହିଥିଲା ।ପ୍ରୀତମ ମଧ୍ୟ ଖୁସିରେ ଗ୍ରହଣ କରିନେଇଥିଲା ପ୍ରିୟାର ପ୍ରେମକୁ ।ଦୁହେଁ ସାମନା ସାମନି ଦେଖା ହେବା ପରେ ପ୍ରିୟା ପ୍ରୀତମର ବଦଅଭ୍ୟାସ ବଦଳାଇ ପାରିଥିଲା ।ଯେବେ ବି ଦେଖା ହୁଅନ୍ତି ପ୍ରିୟା କେବଳ ପ୍ରୀତମ ଠାରୁ କବିତା ଶୁଣେ ।ଭାବୁକ ପ୍ରୀତମ ମଜ୍ଜିଯାଉଥିଲା ,ହଜିଯାଉଥିଲା କବିତା ଶୁଣାଇବାରେ ।

କିଛି ମାସ ପରେ ହଟାତ ଦିନେ ପ୍ରୀତମ ପ୍ରିୟାର ଘରେ ପହଞ୍ଚି ତାହାର ବାବା ମାମାଙ୍କୁ ମାଗିଥିଲେ ପ୍ରିୟାର ହାତ ।ଦୁହିଁଙ୍କ ପ୍ରେମ କାହାଣୀକୁ କହିସାରିଥିଲେ ।ଯେତେବେଳେ ପ୍ରିୟାକୁ ଏ ବିଷୟରେ ପଚାରିଲେ ପ୍ରିୟା ସ୍ୱୀକାର କଲା ଚିହ୍ନିଛି ବୋଲି କିନ୍ତୁ ତାଙ୍କ ସହ ପ୍ରେମ ସମ୍ପର୍କ କୁ ଅସ୍ୱୀକାର ଓ ବିବାହ ପ୍ରତିଶ୍ରୁତିକୁ ପ୍ରତ୍ୟାଖ୍ୟାନ କଲା ।ଏବଂ ପଚାରିଥିଲା ଏ ସମାଜରେ ପ୍ରୀତମର ପରିଚୟ କଣ ?ଚଳିବା ପାଇଁ ସାହାରାର ସୂତ୍ର କଣ ?ଏତେ ସବୁ ଶୁଣିବା ପରେ ପ୍ରୀତମ ମୁହଁରେ କେବଳ ଚେନାଏ ହସ ଥିଲା ।ନା ଥିଲା ରାଗ ନା ଅଭିମାନ ।ବରଂ ହସ ହସ ମୁହଁରେ ସେଦିନ ପରାଜିତ ନାୟକ ଟିଏ ପରି ଫେରିଆସିଥିଲେ ପ୍ରିୟାର ଘରୁ ।

ହଠାତ୍ କାହା ଶବ୍ଦରେ ପ୍ରକୃତିସ୍ଥ ହୋଇଉଠିଲା ପ୍ରିୟା ।ଦେଖିଲା ଶ୍ରୀମନ୍ତଙ୍କ ସହ ପ୍ରୀତମଙ୍କୁ ।ଜଣେ ମଥାର ସିନ୍ଦୁର ଜଣେ ହୃଦୟର ସ୍ପନ୍ଦନ ।ଦୁଇଜଣ ସଫଳ ପୁରୁଷ ଯାହାକୁ କାଲି ଅସଫଳ ମଣୁଥିଲା ।ଆଜି ସେ ଓଡ଼ିଶାର ସଫଳ ସାହିତ୍ୟିକ ।ଏବେ ବି ପ୍ରୀତମଙ୍କ ଓଠରେ ରହିଛି ସେଇ ପୁରୁଣା ହସ ଯାହା ପ୍ରିୟାର ହୃଦୟକୁ କଣ୍ଟାରେ ଆଘାତ କରିବା ପରି ଅନୁଭୂତ ହେଉଥିଲା ।

ଶ୍ରୀମନ୍ତ ପ୍ରିୟାଙ୍କୁ ପ୍ରୀତମଙ୍କ ସହ ପରିଚିତ କରାଇ ଏବଂ ଶ୍ରୀମନ୍ତଙ୍କୁ କହିଥିଲେ ମୋ ସହଧର୍ମିଣୀ କବିତା ପାଇଁ ପାଗଳ ।ଏକଥା ଶୁଣି ପ୍ରୀତମ ଶବ୍ଦରେ କିଛି ନକହିଲେ ମଧ୍ୟ ହସରେ ବହୁତ କିଛି କହିଦେଇଥିଲେ ପ୍ରିୟାକୁ ।ଯାହା ପ୍ରିୟାକୁ ସ୍ମୃତିର ସଞ୍ଜୀବତୀ ସାଜି ହୃଦୟର ରୁଦ୍ଧକୋଠରୀକୁ ଜାଳି ଦେଉଥିଲା ।

ଖୋର୍ଦ୍ଧା

"ପ୍ରେମର ନିୟତି"

ବିକାଶ ପାଲ

ପ୍ରିୟ ତୁମର ମୁଁ ସେଇ ପ୍ରିୟା,

ଯିଏ ତୁମର ଅନୁରଙ୍ଗ ହୋଇ ଦୂରେଇ ଯିବାର ଅଭିନୟ କରିଥିଲା । ଠିକ୍ ବସନ୍ତ ଋତୁର ମଳୟ ପରି।ମୋତେ ସିନା ସ୍ଥଳ ପଦ୍ମ ପରି ଆହୁରି ସୁନ୍ଦର କରିଲ ଠିକ୍ ବସନ୍ତ ଋତୁର ତୁମେ ମଳୟ ହୋଇ। କିନ୍ତୁ ତୁମକୁ ସେ ସୁନ୍ଦରତାର ସ୍ପର୍ଶ ଦେଇ ପାରିଲି ନାହିଁ।ମନର ବେଦନା କିଏ ବା ଜାଣିବ ଯଦି ସେ ନାରୀ ହୋଇ ନଥିବ। ପୁରୁଷ କେବଳ ନାରୀର ଦେହକୁ ପ୍ରେମ କରେ କିନ୍ତୁ ନାରୀର ମନକୁ ନୁହେଁ। ହଁ ମୁଁ ତୁମ ପାଖରୁ ଅପସରି ଗଲି କେବଳ ତୁମେ ମୋତେ ଯେତେବେଳେ ଆଡ ନୟନରେ ଚାହିଁଲ। ମୁଁ ତୁମକୁ ଭଲ ପାଉଥିଲେବି ତୁମକୁ କହି ପାରିଲି ନାହିଁ। କ'ଣ ନାରୀମାନେ ପୁରୁଷଙ୍କୁ ମନର କଥା କହି ଥାନ୍ତି। ତୁମେ ମୋତେ ଭଲ ପାଅ ବୋଲି କହି ପାରିଲ ନାହିଁ।ତୁମକୁ ତୁମ ବୀବେକ ବାଧା ଦେବାରୁ ତୁମେ ମୋ ଠାରୁ ଦୂରେଇ ରହିଲ।

ମୁଁ ମୋ ସାଙ୍ଗ ପାଖରୁ ଜାଣିବାକୁ ପାଇଲି ତୁମ ଚଲା ପଥ କଣ୍ଟକିତ। ସେଇ କଣ୍ଟକିତ ପଥରେ ମୁଁ କୋମଳ କୁସୁମ ଚାଲିପାରିବି ନାହିଁ ବୋଲି କହି ,ତୁମେ ମୋତେ ଭୁଲି ଗଲ ବୋଲି କହିଲ। ତଥାପି ତୁମର ମୋ ପ୍ରତି ପ୍ରେମ ଥିଲା। ଯଦି ନଥିଲା ତେବେ ମୋ ସାଙ୍ଗରେ ମିଶିବାକୁ ତତ୍ପର ହେଉଥିଲ କାହିଁକି? ତୁମ ସାଙ୍ଗମାନେ ମୋ ସହ କଥା ହେଲେ ତୁମେ ଇର୍ଷା କରୁଥିଲ କାହିଁକି? ହଁ ତୁମେ ମନା କରି ଦେଇପାର । କିନ୍ତୁ ତୁମେ ହିଁ କେବଳ ଜାଣିଛ ତୁମେ କହିବା ପୂର୍ବରୁ ମୁଁ ତୁମ ମନର ଭାଷା ପଢି ନିଏ। ସେଥିପାଇଁ ମୁଁ ତୁମ ଠାରୁ ଦୂରେଇ ଯିବାର ପାଇଁ ମିଛ ପ୍ରେମୀକର ସାହାଯ୍ୟ ନେଲି। ତଥାପି ତୁମେ ତାକୁ ମୁଁ ପ୍ରେମ କରୁଛି ବୋଲି ବିଶ୍ୱାସ କଲନାହିଁ। ସେଥିପାଇଁ ତୁମେ

ମନ ମୋ ସଙ୍ଗେ କଥା ହେବାକୁବ୍ୟାକୁଳ ହେଲେ ମଧ୍ୟ ବୀବେକ କଥା ଶୁଣିଲ।ତୁମେ ଯଦି ଥରେ ମନ କଥା ଶୁଣି ଥାନ୍ତ ତେବେ ଆଜି ପର୍ଯ୍ୟନ୍ତ ଦୁହେଁ ଅବିବାହିତ ଜୀବନ କାଟୁ ନଥାନ୍ତେ। କିନ୍ତୁ ତୁମ ପ୍ରେମ ସତ୍ ଥିବାରୁ ତୁମେ ମୋତେ ସ୍ୱାଧୀନ ଛାଡିଦେଲ।

ସତ କହୁଛି ମଳୟ ତୁମକୁ ସିନା ଦୂରେଇ ଦେଲି ମୋତେ ରାତିରେ ନିଦ ଆସେ ନାହିଁ । ଯେଉଁ ମନ ତୁମକୁ ଦିନେ ନଦେଖିଲେ ଭଲ ଲାଗୁ ନଥିଲା, ସେ ଆଜି ବର୍ଷା ବନର ଚାତକ ପରି ପାଣି ନପିଇ ତୁମ ସ୍ମୃତିକୁ ଦେଖି ଶୁଖି ଶୁଖି ଯାଉଛି।ତୁମେ ଭାବିଥିଲ ମୁଁ ରଜା ଘର ଝିଅ । ମୁଁ କ'ଣ ତୁମ ପ୍ରେମକୁ ପ୍ରଶ୍ରୟ ଦେବି।ଏହି କଥା ଭାବି ତୁମେ ମୋତେ କେତେ ଭଲ ପାଅ କହି ପାରିଲ ନାହିଁ। ଏହି ଭାବନା ତୁମ ପ୍ରେମର ଗଭୀରତା କେତେ ମୋତେ ଜଣାଇ ଦେଲା। ଆଜି ତୁମେ ସେଇ ଗରିବ କୁଡିଆର ସୁନେଲି ପରିଚୟ। ତୁମ ପାଖକୁ ମୋ ପ୍ରେମ ପାଇଁ ଗଲେ କ'ଣ ମୋତେ ଗ୍ରହଣ କରିବ? ତୁମ ବିନା ଏ ଛଅ ବର୍ଷ କେମିତି ଖଟିଛି ,ସେ ଯନ୍ତ୍ରଣା ମୁଁ କେବଳ ଜାଣିଛି।ଘରର ଜ୍ୟେଷ୍ଠ ଝିଅ ,ଯଦି ବେଶି ବର୍ଷ ଘରେ ରହେ ଗାଁ ଲୋକଙ୍କ ଟୁପୁର୍ ଟାପୁର୍ କି କଷ୍ଟଦାୟକ ତୁମେ ଥରେ ଝିଅ ହୁଅ ଜାଣି ପାରିବ।

ତୁମେ ଜାଣକି ନଜାଣ ତୁମର ସେ ବନ୍ଧୁ ଅପରପକ୍ଷରେ ତୁମ ପ୍ରେମ ଏବେବି ତୁମ ଅପେକ୍ଷାରେ। ବାପା ବର ପାତ୍ର ଖୋଜିଲେଣି, ମୋ ବିବାହ ପାଇଁ। ଘର ଲୋକ ସମସ୍ତେ ବ୍ୟସ୍ତ।ତୁମେ କ'ଣ ମୋତେ ଭୁଲି ଯାଇଛ? ମୁଁ କ'ଣ ତୁମର ମୋଟେ ମନେ ପଡୁନି? କୁହତ -

"ଦୀପର ସଳିତା ଯେତେ ଜଳିଲେବି ତା ମନ କିଏ ଜାଣିବ?,

ଅନ୍ଧାରରେ ସିନା ଦୀପକୁ ଖୋଜନ୍ତି ଦିବସରେ କିଏ ଖୋଜିବ?

ସଭିଏଁ ବୁଲନ୍ତି କୋଇଲିର କହୁ ମନରେ ଆଣେ ନୂଆ ଆନନ୍ଦ,

ଫଗୁଣ ଚାଲିଲେ ସେହି କୁଇଲିର କୁହୁ କାହାକୁ ଭଲ ତ ମନ୍ଦ?

ସଳିତା ମାତ୍ର ଥରେ ଜଳି ସୀମିତ ଅନ୍ଧାରକୁ କରେ ଆଲୋକ,

କୁଇଲିର କୁହୁ ସବୁବେଳେ ଥାଇ କାହିଁକି ଲାଗେନି ଆନନ୍ଦ?

କୁହ କେଉଁ ଜନ ଦେଖିଛି ସେଇ ସଳିତାର ଜ୍ୱାଳାମୟ ଜୀବନ,

ପୁଣି କିଏ ବୁଝିଛି କୋଇଲିର ସେଇ ବେଦନାର ଭରିଥିବା ମନ?

କ'ଣ ସତରେ ତୁମେ ମୋତେ ତୁମ ଠାରୁ ଦୂରେଇ ଦେଲ?ଭୁଲି ଯାଇଛ କ'ଣ ମୋତେ? ମୋ ମନ କହୁଛି ତୁମେ ବି ମୋ ପରି କଷ୍ଟ ପାଉଛ। ମୁଁ ତୁମକୁ ଜାଣେ ତୁମେ କାହାକୁ କିଛି କୁହ ନାହିଁ। କେବଳ ପୁରୁଷଙ୍କ ସାମର୍ଥ୍ୟ ଅଛି, ସମସ୍ତଙ୍କୁ ଆପଣାର କରିପାରୁଛ। କିନ୍ତୁ ତୁମେ ଅନ୍ୟକୁ ହସେଇ ଶିଖିଛ, ନିଜେ ହସିବା ଜାଣି ପାରିଲ ନାହିଁ।ଅନ୍ୟର ଦୁଃଖ ରେ ତୁମେ ଦୁଃଖୀ ହୋଇପାର, ଅନ୍ୟର ସୁଖରେ ତୁମେ ଖୁସି ହୋଇପାର। କିନ୍ତୁ ନିଜ ମନର ଦୁଃଖ ଓ ସୁଖ କେବେ ବୁଝିବାକୁ ଚେଷ୍ଟା କଲନାହିଁ। କେବଳ ତୁମେ ନିଜ ବୀବେକର କଥା ମାନିଲ। ଥରେ ହେଲେ ମନର କଥା ମାନିଲ ନାହିଁ।

ବୀବେକ କଥା ମାନି ମୋ ଠାରୁ ଏତେ ଦୂରକୁ ଚାଲି ଯାଇଛ ଯେ ଚାଲି ଯାଇଛ, ମୋ ଆଖି ପାଉ ନାହିଁ। ସତରେ କ'ଣ ତୁମକୁ ଦୂରେଇ ଭୁଲ କରଛି?ତୁମେ ତୁମ ପରିବାରକୁ ଓ ତୁମ ପାଠ ପଢାକୁ ଗୁରୁତ୍ୱ ଦେଲ। ମୁଁ ତୁମ ମନରେ ପ୍ରେମର ବାର୍ତ୍ତାନେଇ ଆସିଲି ବୋଲି ମୋ ସଙ୍ଗେ ଆଉ କଥା ହେଲ ନାହିଁ।ଜାଣିଛ ତୁମେ ଯେବେ ଠାରୁ ମୋତେ ଭଲ ପାଉଛ ବୋଲି ଅନୁଭବ କଲ ବୋଲି ଜାଣିବାକୁ ପାଇଲି ସେ ଦିନ ମୁଁ ବହୁତ ଖୁସି ହୋଇଥିଲି। ମୁଁ ଭାବି ଥିଲି ତୁମେ ମୋତେ ତୁମ ମନ କଥା ଖୋଲିକି କହିବ । କିନ୍ତୁ ସବୁ ଓଲଟ ପାଲଟ ହୋଇଗଲା।ମୋ ନିଜର ହେବା ପରିବର୍ତ୍ତେ ପର ବୋଲି ମୋତେ ଭାବି ଦୂରେଇ ଗଲ।

ଏବେ ମୁଁ ଭାବୁଛି ମୁଁ ରଜାଘର ଝିଅ ନଥିଲି ବରଂ ତୁମେ ରଜାଘର ପୁଅ ଥିଲ। ମୁଁ ତୁମକୁ ଚାଷିଘର ପୁଅ ବୋଲି ଭାବି ତୁମଠୁ ଦୂରେଇ ଗଲି। କିନ୍ତୁ ସେ ଚାଷିଘର ଝିଅ ଥିଲି ମୁଁ। ମୁଁ କେବଳ ତୁମର ବାହାର

ରୂପ,

ସୁନ୍ଦର ଓ ଗୁଣକୁ ଦେଖିଲି।ତୁମ ଭିତରେ ଥିବା ନିରାଟ ଛଳନା ହୀନ ପ୍ରେମକୁ ଦେଖି ପାରିଲି ନାହିଁ।ମୋତେ ମୋ ସୁନ୍ଦର ଓ ମୋ ବଞ୍ଚିବାର ଶୈଳୀ ମୋତେ ଅନ୍ଧ କରିଦେଇ ଥିଲା।ତୁମେ ମିଛୁଆ ସଦାବେଳେ ନିଜ ପରିଚୟକୁ କହିଲେବି ମୁଁ ବୁଝିବାରେ ଭୁଲ୍ ହୋଇଗଲା। ଶେଷ ବେଳକୁ ଇତି ଲେଖିବାକୁ ଭାବିଲା ବେଳକୁ ମୋଜୀବନର ଇତିକୁ ଆଜିବି ଖୋଜିବାକୁ ପଡୁଛି।

ଇତି

ତୁମ ମଲ୍ଲୀଫୁଲ

ନିର୍ଗୁଣ୍ଡି, ଭଦ୍ରକ



" ଅରଣ୍ୟ କନ୍ୟା "

ପ୍ରମୋଦ କୁମାର ସାହୁ

ସବୁଜିମା ଭରା ବନ ପରିବେଶ। ସୂର୍ଯ୍ୟଦେବ ମଧ୍ୟ ବନର ମୃତ୍ତିକାକୁ ସ୍ପର୍ଶ କରିବାକୁ ପରାସ୍ତ ହେଉଛନ୍ତି ପତ୍ର ଗହଳ ଠାରୁ।କୁଆଁରୀ ପତ୍ରମାନଙ୍କର ସବୁଜ ରଙ୍ଗ ସମୟେ ସମୟେ ଆଲୋକକୁ ଭେଦ କରିବାକୁ ଅନୁମତି ଦେଉଛନ୍ତି । ମୃଗୟାରେ ଆସିଥିବା ମହାରାଜା ଅନନ୍ତବର୍ମା ନିଜ ସୁସଜ୍ଜିତ ଅଶ୍ୱ ବନର ସବୁଜିମାରେ ହଜିଯାଉଛନ୍ତି କାହିଁ କେତେ ଦୂରରେ । ପାତ୍ରମନ୍ତ୍ରୀଗଣ ତାଙ୍କ ଠାରୁ ଏତେ ଦୂରରେ ଶବ୍ଦଭେଦୀ ବାଣ ଦ୍ୱାରା ବି ସେମାନଙ୍କୁ ଠାବ କରିବା ଅସମ୍ଭବ। କିନ୍ତୁ ରାଜା ଏକାକୀ ଅରଣ୍ୟର ନିର୍ଜନତାକୁ ପରାସ୍ତ କରିଥିଲିଛନ୍ତି ଆଗକୁ । ନା ମନରେ ଅଛି ଭୟ ନା କ୍ଲେଶ । ଅଛି ଖାଲି ବନଭୂମିର ବିଜୟ ଯାତ୍ରାର ଅଭିଳାଷା । ବନର ବୃକ୍ଷଗୁଡ଼ିକ ଲାଗୁଛନ୍ତି ସତେ ଏକ ବ୍ୟୁହ ରଚନା କରିଥିବା ସେନା । ଆଉ ସେ ବ୍ୟୁହକୁ ଭଙ୍ଗ କରି ଅଗ୍ରସର ହୋଇ ଚାଲିଛନ୍ତି ଆଗକୁ ଆଗକୁ ।

ଏ କଅଣା! ଏ ଜନହୀନ ଅରଣୀ ଏ ଅପରୂପ ରୂପସୀ କନ୍ୟା ! ଆହା ! ସତେ ଯେମିତି ଏ ବନର ସବୁଜତାକୁ ଜାତ ଏ ଚିର ସବୁଜା କନ୍ୟା ।ନୟନ ଯୁଗଳ ପାଖେ କମଳ ପୁଷ୍ପ ବି ହେବ ଈର୍ଷନ୍ୱିତ । ଗୋଲାପୀ ରଙ୍ଗ ର ଗୋଲାପ କଢିସମ ଓଷ୍ଠ ମିଶି ଯାଉଅଛି ତାଙ୍କର ଫିକା ଲୋହିତ ରଙ୍ଗର ପରିଧାନ ସହକର୍ଣ୍ଣ ଦ୍ୱୟରୁ ଦୋଳାୟିତ ସୁବର୍ଣ୍ଣ କୁଣ୍ଡଳ ସ୍ପର୍ଶ କରୁଛି ସ୍ମିତହସ ଦ୍ୱାରା ଜାତସୁଖ ପୁଷ୍କରଣୀର ତରଙ୍ଗକୁ । ନାସାଗ୍ରରେ ଥିବା ହୀରକ ଖଚିତ ବସଣୀ ମୁଖର ସୌନ୍ଦର୍ଯ୍ୟକୁ କରୁଛି ଦ୍ୱିଗୁଣିତ । ଘନ କଳା

ରଙ୍ଗର କେଶ ନିତମ୍ବ ପର୍ଯ୍ୟନ୍ତ ବ୍ୟାପ୍ତ । ଶିରର ପାଶ୍ଚ୍ୟାତ୍ ଭାଗ କେଶର

ଅଗ୍ରରେ ସଜିତ ସତେଜ ରଜନୀଗନ୍ଧାର ମାଳ । କମନୀୟ ଶରୀର ହିମାଳୟର ତପସ୍ୱୀଙ୍କୁ ବି ସାଂସାରିକ ହେବା ପାଇଁ କରିବ ଉତ୍ସାହିତ । କନ୍ୟା ଠାରୁ ଭାସି ଆସୁଥିବା ଚନ୍ଦନ ଓ ରଜନୀଗନ୍ଧାର ମିଶ୍ରିତ ମଧୁର ସୁଗନ୍ଧ ।

ରାଜା ଏ ନିର୍ଜନ ଅରଣ୍ୟରେ ଅପ୍ସରୀ ସମ ସୁନ୍ଦର କନ୍ୟା ଦେଖି ଏକ ସମୟରେ ବିସ୍ମିତ , ସମାନ୍ୟ ଭୟଭୀତ, ଆନନ୍ଦିତ ଏବଂ ଅଧର୍ଯ୍ୟ, ମରୁଭୂମିରେ ଭ୍ରମଣ କରୁଥିବା ତୃଷାର୍ତ୍ତ ମୃଗକୁ ଜଳର ସନ୍ଧାନ ମିଳିଲା ଭଳି ହୋଇଅଛି ରାଜାଙ୍କ ପରିସ୍ଥିତି । ରାଜା ଅଶ୍ୱରୁ ଅବତରିତ ହୋଇ କନ୍ୟା ସମ୍ମଖରେ ଦଣ୍ଡାୟମାନ ହେଲେ । ଉତ୍ସାହରେ ପରିପୂର୍ଣ୍ଣ ମଧୁର କଣ୍ଠରେ ପ୍ରଶ୍ନ କଲେ " କିଏ ତୁମେ ବାଳା ?"

"ଅଭଗିନୀର ନାମ ସ୍ୱପ୍ନାଙ୍ଗୀ"

ଆହା କି ଅପୂର୍ବ କଣ୍ଠ ତୁମର ନାମକୁ ଉପଯୁକ୍ତ ଏସୁନ୍ଦର ସ୍ୱର ତଥା ତୁମର ସୌନ୍ଦର୍ଯ୍ୟ | କିନ୍ତୁ ଏ ନିର୍ଜନ ବନ ମଧରେ ତୁମର କେଉଁ କାର୍ଯ୍ୟ ?

"ଏ ନିର୍ଜନବନ ମୋର ପ୍ରିୟ ବାସସ୍ଥାନ | "

ତେବେ ତୁମେ କଣ ଏ ଜନହୀନ ଅରଣ୍ୟରେ ଏକାକୀ ନିଜକୁ ସୁରକ୍ଷିତ ମଣୁଛ?

" ନା ଏକାକୀ କାହିଁକି ? ଅନୁଭବ ମୋର ଚିର ସହଚର।"

ଲାଗୁଛି ବାକ୍ ଚାତୁରୀରେ ତୁମେ ପାରଙ୍ଗମ । କିନ୍ତୁ ତୁମ ମିଥ୍ୟା ବାକ୍ୟ ବି କେତେ ମଧୁର, କେତେ ମନ୍ମୁଗ୍ଧ! ତୁମର ପରିଚୟ ଦିଅନ୍ତି ସୁନ୍ଦର ।କିଏ ତୁମର ପିତା ମାତା?

"ପିତା ମୋର ଚନ୍ଦ୍ରାଲୋକ ମାତା ମୋର ରଜନୀ ।"

"ରାଜା ଅନଙ୍ଗ ବର୍ମା ଗୋଟେ ମୁଢ ନୁହେଁ କନ୍ୟା । ଯେ ନିର୍ଦ୍ୱନ୍ଦର ତୁମ ର ମିଥ୍ୟା ବାକ୍ୟକୁ ବିଶ୍ୱାସ କରିବ କିଏ ତୁମେ ?ଏ ନିର୍ଜନ ଅରଣ୍ୟ ମଧରେ ତୁମର କାର୍ଯ୍ୟ କଣ? କ'ଣ ତୁମେ କେଉଁ ଦଶ୍ୟୁର କନ୍ୟା ?ନ କେଉଁ ରାଜ୍ୟରୁ

ବିତାତୀତ ଉଦ୍ଧତା ରାଜ କନ୍ୟା?ନା କେଉଁ ଅଭାଶପ୍ତା ଅପ୍ସରୀ?"

"ପ୍ରଶ୍ନର ଜାଲରେ ମୋତେ ଘେରି ଦିଅନ୍ତୁ ନାହିଁ ମହାରାଜା। ମୁଁ ଯାହାବି ପ୍ରକାଶ କଲି ତାହାର ସମ୍ପୁର୍ଣ୍ଣ ସତ୍ୟ।"

"କିନ୍ତୁ ଏହା ବିଶ୍ୱାସ ଯୋଗ୍ୟ ନୁହେଁ ସୁନ୍ଦରୀ"

" ତେବେ କ'ଣ ମୋ ବାକ୍ୟରେ ସତ୍ୟତା ପ୍ରମାଣିତ କରିବାକୁ ମୋତେ ସୀତାଙ୍କ ସଦୃଶ ଅଗ୍ନି ପରୀକ୍ଷା ଦେବାକୁ ପଡିବକି?ସାମ୍ୟକ୍ ହାସ୍ୟର ସହିତ କନ୍ୟା ପ୍ରଶ୍ନ କଲେ?"

ରାଜା ମଧ୍ୟ ଅଜ୍ଞାତର ମୁଖରୁ ସ୍ମିତ ହାସ୍ୟ ତୋଳି ପୁନଶ୍ଚ ପ୍ରଶ୍ନ କଲେ "ଯଦି ତୁମେ ମୋତେ କ୍ଷମାକର ତେବେ ତୁମ ବିଷୟରେ କିଛି କହିବାର ମୁର୍ଖତା କରିବି?"

"କରନ୍ତୁ ରାଜନ୍।"

" ତୁମ ଅପୂର୍ବ ସୌନ୍ଦର୍ଯ୍ୟ ଏକ ର ନିର୍ଜନତାରେ ଶୋଭା ପାଉନି କନ୍ୟା । ତୁମର ସ୍ଥାନ ତ କେଉଁ ରାଜପ୍ରାସାଦର ରାଜପତ୍ନୀ ଆସନରେ । "

ଧନ୍ୟବାଦ ରାଜନ। ଆପଣଙ୍କର ଏ ମତାମତ ପାଇଁ । କିନ୍ତୁ ଆପଣ କହିବାକୁ ଚାହୁଁଛନ୍ତି?

"ମୁଁ ତୁମକୁ ମୋ ରାଣୀ ରୂପେ ଗ୍ରହଣ କରିବାକୁ ଇଚ୍ଛୁକ ।"

" କିନ୍ତୁ ମୁଁ ସେଇଶକୁନ୍ତଳା ନୁହେଁ, ଯିଏ ଦୁଷ୍ମନ୍ତଙ୍କ ମାୟାଜାଲରେ ଛନ୍ଦି ହୋଇ ଚିରଦିନ ପାଇଁ ଦୁଃଖକୁ ଆପଣାର କରିଥିଲ। ବିରହ ବେଦନାରେ ବିତିଥିଲା ତାଙ୍କର ପରବର୍ତ୍ତୀ ଜୀବନ । "

ନା ନା କନ୍ୟା । ମୁଁ ତୁମକୁ ହୃଦୟର ସହିତ ପ୍ରେମ ନିବେଦନ କରୁଛି । ମୋ ହୃଦୟକୁ ତୁମ ସୌନ୍ଦର୍ଯ୍ୟର ସ୍ପର୍ଶରେ ଧନ୍ୟ କର।

"କିନ୍ତୁ ରାଜନ୍ ।"

"ତେବେ କଣ ତୁମେ ବିବାହିତା ?"

"ଏକ ଅଭିଶପ୍ତା ମିଥ୍ୟାକୁ କିଏ କାହିଁକି ବା ବିବାହ କରିବ ?"

"ତୁମ ରକଥାର ମର୍ମ ବୁଝିବା ଏଅରଣ୍ୟ ଭେଦ କରିବାଠାରୁ ମଧ୍ୟ କଷ୍ଟସାଧ୍ୟ । "

ଇତି ମଧ୍ୟରେ ପାତ୍ରମନ୍ତ୍ରୀ ସୈନିକ ଗଣ ମହାରାଜାଙ୍କ ଅଶ୍ୱର ପଦାଙ୍କ ଅନୁସରଣ କରି ତାଙ୍କ ପାଖରେ ପହଞ୍ଚିଗଲେ ତିଆରି ମହାମନ୍ତ୍ରୀ ସମସ୍ତେ ଏକ ସ୍ୱରରେ -" ମହାରାଜାଙ୍କର ଜୟ ହେଉ।" ଏହାପରେ ମହାମନ୍ତ୍ରୀଙ୍କର ସବୁ କୁଶଳ ତ? ଆମେ ତ ଆପଣଙ୍କୁ ପାଖରେ ନପାଇ ଅତ୍ୟନ୍ତ ଚିନ୍ତିତ ଥିଲୁ।"

" ହଁ, ସବୁ କୁଶଳ ମହାମନ୍ତ୍ରୀ ।"

" ତେବେ ମହାରାଜା କିଏ ଏ କନ୍ୟା?"

" ଏ ହେଉଛନ୍ତି ସ୍ୱପ୍ନାଙ୍ଗୀ । ନିଜକୁ ଚନ୍ଦ୍ରାଲୋକ ଓ ରଜନୀଙ୍କ କନ୍ୟା ପରିଚୟ ଦେଉଛନ୍ତି।କୁହନ୍ତୁ ମହାମନ୍ତ୍ରୀ , ଏହା କ'ଣ ବିଶ୍ୱାସ ଯୋଗ୍ୟ?"

ଏହା ଶୁଣି କନ୍ୟା ଉତ୍ତର ଦେଲା କ୍ଷମା କରିବ ମହାରାଜ। ଆପଣ ନିଜ ବିଶ୍ୱାସ କରି ପାରନ୍ତି। କିନ୍ତୁ ଏହା ସତ୍ୟ।"

"ଯାହା ବି ହେଉ କନ୍ୟା । ତୁମେ ମୋ ପ୍ରସ୍ତାବରେ ସମ୍ମତି ପ୍ରକାଶ କରୁଛ କି ନାହିଁ?"

" ସ୍ୱପ୍ନାଙ୍ଗୀକୁ ନିଜର କରିବା ହେଉଛି ଦିବାସ୍ୱପ୍ନ ସଦୃଶ ଚିର ଅସମ୍ଭବ, ସ୍ୱପ୍ନାଙ୍ଗୀ କେବଳ କଳ୍ପନା ଯୋଗ୍ୟ।"

" ବାଳା ତୁମେ ମୋ ଧୈର୍ଯ୍ୟର ସୀମା ଲଙ୍ଘନ କରୁଛ। ତୁମେ ବୋଧେ ଜାଣି ନାହଁ ତୁମେ କାହାର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରୁଛ। ମୁଁ ଚାହିଁଲେ ଏହି କ୍ଷଣି ତୁମକୁ ବନ୍ଦୀ କରିପାରେ।"

" ହା,ହା,ହା....., ମହାରାଜା ଆପଣ ସ୍ୱପ୍ନାଙ୍ଗୀକୁ କରିବେ ବନ୍ଦୀ ?ହା,ହା,ହା,...।"

ମହାମନ୍ତ୍ରୀ !ଏ କନ୍ୟାକୁ ଅବିଳମ୍ବେ ବନ୍ଦୀ କରାଯାଉ ।"

"ହଠାତ୍ ଆକାଶରୁ ଏକ ବୃହତ୍ ଉଲ୍କାପାତ ସଦୃଶ ରଶ୍ମି ପ୍ରକାଶିତ ହେଲା ଓ କନ୍ୟା ଅଟହାସ୍ୟ ସହ କେଉଁ ଆଡେ ଅଦୃଶ୍ୟ ହୋଇଗଲେ। ରାଜା ପ୍ରଳାପ କଲେ "କନ୍ୟା! କନ୍ୟା!"

ହଠାତ୍ ରାଜାଙ୍କ ନିଦ୍ରା ଭଙ୍ଗ ହେଲା।ରାଜା ଉଠି ଦେଖିଲେ କାହିଁ ଅରଣ୍ୟ? କାହାନ୍ତି ପାତ୍ରମନ୍ତ୍ରୀଗଣ? କିନ୍ତୁ ସ୍ୱପ୍ନାଙ୍ଗୀ ତାଙ୍କ ରାଜଶଯ୍ୟାରେ ଶୟନରତା। ତାଙ୍କର ସ୍ମୃତି ଗୃହରେ ସ୍ୱପ୍ନାଙ୍ଗୀଙ୍କ ସୁନ୍ଦର ଚେହେରା ଏ ପର୍ଯ୍ୟନ୍ତ ଦଣ୍ଡାୟମାନ ରହିଛି ।

ରାଜା ଆଖି ମଳିକରି ପ୍ରକୃତିସ୍ଥ ହୋଇ ପୁନଃ ଦେଖନ୍ତେ -"ଏ କ'ଣ !ସେ କନ୍ୟା ନୁହଁନ୍ତି, ଏ ତ ମହାରାଣୀ ଇନ୍ଦୁମତି।"

ବରୀ , ଯାଜପୁର

ବିଶେଷ କବିତା

"ତୃଷ୍ଣା..."

ଅନିଲ୍ କୁମାର ମହାରଣା

କି'ଦେଖିଲା ଆଜ ନେତ୍ର ସଜନୀରେ
ଅପୂର୍ବ ରମଣୀମଣି
ଅବନୀ-ମଣ୍ଡଳେ ଶୋଭାକୁ ବହିଛି
ସ୍ୱର୍ଗ ସୁଷମାକୁ ଜିଣି।
ମର୍ତ୍ତ୍ୟେ ଧରି ନର କାୟା,,
ତପୀ,ଯୋଗୀଜନ ବ୍ରହ୍ମଚର୍ଯ୍ୟ ତେଜି
ନୋହିବେ'କି ସତେ ବାୟା,,,?
ଫଣୀପତି ଫଣୀ ଟେକିଛି'କି ସତେ
ବଉଳବେଣୀରେ ତା'ର
ନେତ୍ର ଯୁଗଳରେ ଅକୁହା କହୁଛି
ଛାତିରେ ଟାଣୁଛି ଗାର।
ପଲକେ କଜ୍ଜଳ ନାଇ,,
ନିଶାକର ଯେହ୍ନେ ବହୁଛି କଳଙ୍କ
ଗଣ୍ଡସ୍ଥଳେ କଳାଜାଇ,,,।
ଓଷ୍ଠପୁଟେ ବୋଳା ଉଦେଭାନୁ ଆଭା

ସ୍ୱଳ୍ପହାସେ ନିଏ ଲୁଟି
ପୌରୁଷତ୍ୱ ନିନ୍ଦି ବିନ୍ଧଇ ମଦନ
କେଶରୀ ଜିଣି ତା' କଟି।
ଅସ୍ତଭାନୁ ଭାଗ୍ୟ ମୋର,,
ପଲକ ସିଞ୍ଚାଡି ଡାକନ୍ତା'କି ବାଳା
ମଣି ତା'ର ପ୍ରିୟବର,,,?
ଷୋଡଶୀ ରସିକା ଅଳସ ଭାଙ୍ଗନ୍ତେ
ଉର୍ଦ୍ଧ୍ୱେ ତୋଳି ବାହୁ ବେନି
କି'ଉପମା ଦେବି କୁଚ ଯୁଗଳକୁ
ଶିଖରୀ ଶୋଭାକୁ ଘେନି।
ହୁଅଇ କି ମୂର୍ତ୍ତିବନ୍ତ,,?
କୋଣାର୍କ ଗାତ୍ରରେ ଦେଖିଥିଲି ସିନା
ନୋହିଥିଲା ଚିତ୍ତ ଶାନ୍ତ,,,।
ଓଲଟରମ୍ଭା'କି ସରିହେବ ତା'ର
ପୁଳିନ ଜଘନ ଜିଣି ?
କରୀଗତି କରି,ଯାନ୍ତେ ଚାହେଁ ଫେରି
ଘନ ଘନ ବାମାମଣି।

ତେଜି'ସେ କୋଣାର୍କ ଗାତ୍ର,,
ଜୀବନ୍ୟାସ ପାଇ ରମଣୀରତନ
ଫେଗିଲା'କି ଏଇମାତ୍ର,,,?
ଦଶନରେ ଚାପି ଅନାମିକା ତା'ର
ଦୁଷ୍ଟ ଇସାରାରେ " ବାଳା "
କହିଗଲା ଯାହା,,,ବୁଝିଲି ଅଳପ
ବୁକୁରେ ବଢଇ ଜ୍ୱାଳା।
ଆକୁଳେ ଚଞ୍ଚଳ ମନ,,,
କୁହେ ତା'କାନର ଝୁମୁକା ହୁଅନ୍ତି
ଚୁମୁଥାନ୍ତି ଘନ ଘନ,,,।

ଭାପୁର, ବଡସହରା
ନୟାଗଡ଼

ବ୍ୟଙ୍ଗ ବିଭାଗ

" କଦଳୀଟା ଅଛି "

ଶ୍ରୀବାସ କୁମାର ନାୟକ

ରିଲୁ ମୋର ପିଲା ଦିନର ସାଙ୍ଗ । ଭଲ ପଢ଼େ । କଲେଜରେ ମଧ୍ୟ ଟପର ହୁଏ । ଆମ କ୍ଲାସ୍ ରେ ତାକୁ କେହି ପାଠରେ ପାରୁନିନି । ଠିକ୍ ସେମିତି ଚଗଲାମିରେ ବି । ସିମାପାର ଚଗଲାମି ତାର । ସେଥିପାଇଁ ଗାଁ ଲୋକେ ତାକୁ ' ଖୁର ' ବୋଲି ଡାକନ୍ତି ।

ଦିନେ ତାର ମୋର ସାଙ୍ଗହୋଇ ବଜାରକୁ ଯାଇଥାଉ । ମୋତେ କହିଲା, -ସାଙ୍ଗ ଦଶ ଟଙ୍କା ଦେଲୁ, ଗୁଟଖା ଦି ଟା ଆଣେ । ମୁଁ ତାକୁ ବୁଝେଇଲି , ଆରେ ଏଗୁଡ଼ାକ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ତାପରେ ମୋତେ ରାଗିକି କହିଲା,'ଭଲ ହେବ , ମୁଁ ତୋ ପାଇଁ କିଛି କରିବାର ସୁଯୋଗଟେ ପାଇବି । ମୁଁ ମରିଗଲେ ତୁ କଲେଜରେ ଫାଷ୍ଟ ହେବୁ ।ଲୋକତ ତତେ ଭଲ ପଢ଼ୁଛୁ ବୋଲି କହିବେ ! ସେଥିପାଇଁ ଦଶ ଟଙ୍କା ଦେ.....କହି ମୋ ପକେଟ୍ ରୁ ଟଙ୍କା କାଢ଼ି ପାଖ ଦୋକାନକୁ ଚାଲିଗଲା । ଦୋକାନରେ ଝିଅ ଟିଏ ବସିଥାଏ ।ରିଲୁ କହିଲା , ଗୁଟଖା ଦି ଟା ଦେଲ । ଝିଅଟି କହିଲା, ନାହିଁ ।ରିଲୁ କହିଲା , ନହେଲେ ସିଗାରେଟ୍ ଟେ ଦିଅ । ଝିଅଟି କହିଲା, ନାହିଁ ।ଡେରିମିଲିକି ଚକୋଲେଟ୍ ? ନାହିଁ । ଏଥର ରିଲୁ ରାଗିଯାଇ କହିଲା, " ଆଉ କ'ଣ କଦଳୀଟା ଅଛି....।" ଆରପଟ ଘରୁ ଝିଅର ବାପା ଆସି କହିଲେ, କ'ଣ କହିଲୁ ? ରିଲୁ ଡରିଯାଇ କହିଲା , " ନା... ମୁଁ କହୁଥିଲି କଦଳୀ ଅଛି ?"

ତାପରେ ଦି ଟା କଦଳୀ ଧରି ମୋ ପାଖରେ ପହଞ୍ଚିଲା । ତାକୁ କହିଲି ମୋ ଟଙ୍କା ଏଥର ଫେରାଇ ଦେ । ତୁ ତ ଆଉ ମରିବୁନି । ହସି ହସି ରିଲୁ କହିଲା , " ରହ ମ ସାଙ୍ଗ ସେଟାତ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।ହେଲେ ଏ ସିଧା ଜୀବନ ନେଇଯାଇଥାନ୍ତା ହୋ...। ନେ...ନେ ଗୋଟେ କଦଳୀ ଖାଇଦେ ।

ଉଜାଙ୍ଗ , ଆଳି

କେନ୍ଦ୍ରାପଡ଼ା

" ବାଙ୍କ ଚାହାଁଣି "

ରାଜେନ୍ଦ୍ର ନାରାୟଣ ସେନାପତି

ଘୋଡ଼ା ପରି କିଏ ମୁହଁ କରୁଥାଏ
ଦେଖିବ କିଏ ଘୁଷୁରୀ ,
ସେଲ୍ଫି ନେଲା ବେଳେ ଦେଖିବ କା ମୁହଁ
ଦିଶେ ଚୁମା ଦେଲା ପରି ।
କଳି ଯୁଗ ଯାଏ ସରି
ଜୀଅନ୍ତା କାଳୀଙ୍କ ଦର୍ଶନ ପାଇକି
ମୁଣ୍ଡ ହୁଏ ଘିରି ଘିରି ।

ପାଇକଡିଗିରିଆ
ଖୋର୍ଦ୍ଧା

ପ୍ରବନ୍ଧ ଓ ଆଲୋଚନା

" ସାହିତ୍ୟ : ସଭ୍ୟତା ର ଜନନୀ "

କେଶରୀ ପ୍ରସାଦ ମହାନ୍ତି

ବନ ଜଙ୍ଗଲ ରେ ଯାଯାବର ଜୀବନ କାଟୁଥିବା ଆଦିମ ମାନବ ବିବର୍ତ୍ତନ ବାଦ ସହ ସଂଘର୍ଷ କରି ଆଜି ମାନବ ରେ ପହଞ୍ଚିଛି ।

ମଣିଷ ମାନଙ୍କୁ ନେଇ ଗଢ଼ି ଉଠିଛି ସମାଜ, ଏବଂ ସମାଜ କୁ କେନ୍ଦ୍ର କରି ଗଢ଼ି ଉଠେ ସଭ୍ୟତା,ହେଲେ ସଭ୍ୟତା ଏକ ବ୍ୟାପକ ଅର୍ଥକୁ ବୁଝାଏ ।

ଯାହାର ସଭ୍ୟତା ଯେତେ ସୁଦୃଢ,ସେମାନେ ସେତେ ସମୃଦ୍ଧ,ହେଲେ ସଭ୍ୟତା କୁ ପରିଚିତ କରିବା ନିମନ୍ତେ "ଭାଷା" ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

ସେହି ଭାଷା କୁ ନେଇ ଗଢ଼ିଉଠେ ସାହିତ୍ୟ । ସାହିତ୍ୟ ହିଁ ସମାଜ ର ଦର୍ପଣ ।

ଯେପରି "ଗାଁ ପରିମଳ ଧୋବା ତୁଠରୁ ଜଣାଯାଏ" ଠିକ ସେପରି ସମାଜ ର ହିତ ସାଧନ କରୁଥିବା ସାହିତ୍ୟ ର ସୌନ୍ଦର୍ଯ୍ୟ, ଔଦର୍ଯ୍ୟ ଏବଂ ମାଧୁର୍ଯ୍ୟ ହିଁ ସଭ୍ୟତା ର ବଳିଷ୍ଠତା କୁ ଉପସ୍ଥାପନ କରିଥାଏ ।

ସତେ ଯେପରି ଉଭୟ ସାହିତ୍ୟ ଏବଂ ସଭ୍ୟତା ପରସ୍ପର ଅନୁପୁରକ ।

ସାହିତ୍ୟ କୁ ବାଦ୍ ଦେଇ ଏକ ସୁସ୍ଥ ,ସଭ୍ୟ ,ବିକଶିତ ସମାଜ ଗଠନ ର ପରିକଳ୍ପନା ହାସ୍ୟାସ୍ପଦ ଅଟେ ।

ପ୍ରସ୍ତର ଯୁଗରୁ ଆରମ୍ଭ କରି ଆଜିର ଇଣ୍ଟରନେଟ୍ ଯୁଗର ମାନବ

ପଦାର୍ପଣ କରିଛି,ସମୟ ସହ ବଦଳିଛି ସଭ୍ୟତା ର ଢାଞ୍ଚା ,ଆଉ ତାକୁ କେନ୍ଦ୍ର କରି ତା ସହ କିନ୍ତୁ ଆଜିର ଦିନରେ ଭାଷା ଠିକ ଭାବେ ପାଦମିଳାଇ ଚାଲିପାରୁ ନାହିଁ ।ସେଥିପାଇଁ ଆଜି ଅତୀତର ଦେବନାଗରୀ ଭାଷା ମଧ୍ୟ ଆଜି ଖୁବ୍ କମ୍ ବ୍ୟବହୃତ ।

ସରଂକ୍ଷଣ ର ଅଭାବ ଏବଂ ନିର୍ଦ୍ଦିଷ୍ଟ ବର୍ଣ୍ଣ ର ରୂପାନ୍ତରଣ ନଥିବାରୁ ଅନେକ ଆଦିବାସୀ ଭାଷା ମଧ୍ୟ ବିଲୁପ୍ତ ହୋଇସାରିଛି ।

ଯଦି ଭାଷା ବଞ୍ଚି ନ ରହେ,ତେବେ ସାହିତ୍ୟ ର ସୁଦୃଢି କରଣ କଷ୍ଟକର ବ୍ୟାପାର ।

ଯୋଉ ସାହିତ୍ୟକୁ ନେଇ ଆମେ ଗର୍ବିତ,ଯଦି ସେ ସାହିତ୍ୟକୁ ଅନ୍ୟ ଭାଷା ଭାଷୀ ର ସଭ୍ୟତା ହାତରେ ଟେକି ଦେଇ ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇ ନେବା,ତେବେ ଏହାର ପରିଣାମ ଯାହା ହେବ ତା' କେବଳ ଭବିଷ୍ୟତ ଗର୍ଭରେ ନିହିତ ।

ବର୍ତମାନ ତ' କେବଳ ଅନୁସନ୍ଧାନ ଚାଲିଛି !

ବନ୍ଧୁ ବଥ ବଥାଏ, ଆବୁ ବଥାଏ ନାହିଁ,ତେଣୁ ବେଳରୁ ସାବଧାନ ହୋଇ ନିଜ ମା, ମାତୃଭୂମି ଓ ମାତୃଭାଷା କୁ ରକ୍ଷାକର ।

ଉଦ୍ଭିଦ ବିଜ୍ଞାନ ଛାତ୍ର

ଏନ୍ ସି କଲେଜ , ଯାଜପୁର

"ପ୍ରେମ"

ଅନିନ୍ଦିତା ମୁଖୋପାଧ୍ୟାୟ

ସ୍ମୃତି ରଞ୍ଜନ ପାଣିଗ୍ରାହୀ

ସାପର ଫଣାରେ ନାଚେ ଗଂଭୀର ଆଷାଢ;

ବାରଣ୍ଡାରେ ଯୂଇ ଗଛ ତଥାପି ମରେନି

ପବନରେ ଭାଷି ବୁଲେ ମେଘର ଉତ୍ତଳା ଗଂଧ

ବେଳେ ବେଳେ ଛୁଇଁ ଯାଏ ଘର..

ସ୍ପର୍ଶେ ତା'ର ଶିହରଣ, କଂପି ଉଠେ ନୀରଦଗାଂଧାର;

ମୁଁ ଯେମିତି କୋଉଦିନ ଉଠିଥିଲି କଂପି-

କାହାର ପରଶ ପାଇ ମୋର ଏ ଜୀବନେ.....

ବାସ୍ ଗୋଟେ ଥର...

ଅନିନ୍ଦିତା ମୁଖୋପାଧ୍ୟାୟଙ୍କ ଏ କବିତାଟି ଗୋଟେ ବଂଗଳା ପତ୍ରିକାରେ ଆଲୋଚନା କରିଥିଲେ ପ୍ରଖ୍ୟାତ କବି ଜୟ୍ ଗୋସ୍ୱାମୀ। ପ୍ରଥମ ଥର ପଢି କବିତାଟିରେ ସେମିତି କିଛି ବିଶେଷତ୍ୱ ଥିବା କଥା ମୋ ଦୃଷ୍ଟିଗୋଚର ହେଲାନି। କିନ୍ତୁ କବିତା ଭିତରୁ ମୁଁ ନିଜକୁ ଆବିତଷ୍କାର କଲି

ସମୀକ୍ଷା ପଢି। କି ଅପୂର୍ବ ସମୀକ୍ଷା! କି ସୁନ୍ଦର କବିତା!

ସତରେ ପ୍ରେମ କେବଳ ଥରେ ମାତ୍ର ହୁଏ; ବାକି ସବୁ ପ୍ରହସନ। ସେହି ପ୍ରେମ ହୁଏତ କେତେବେଳେ ଦେବତା ମାନଂକ ଛଦ୍ମ ବେଶରେ ଅମୃତ ଗିଳେ ଆଉ ପାଇଯାଏ ଅମରତ୍ୱ। ତା' ପରେ ଆରମ୍ଭ କରେ ଅତ୍ୟାଚାର। କେତେଥର ମୁଁ ତା'କୁ ଚେଷ୍ଟା କରେ ଭୁଲିଯିବା ପାଇଁ। କେତେଥର ଚେଷ୍ଟା କରେ ଆମେ ଦିହେଁ ପୋତିଥିବା ସ୍ୱପ୍ନ, କଳ୍ପନା, ଜଳ୍ପନାର ଯୂଇ ଗଛ ମାରିଦେବା ପାଇଁ। କିନ୍ତୁ ମରେନି ତଥାପି। ଏତେ କର୍ମବ୍ୟସ୍ତତା ଭିତରେ ବି ସେ ପ୍ରେମରୂପୀ ରାହୁଗ୍ରହ କୋଉଠି ବଂଚିଥାଏ କେଜାଣି ସମୟ ସୁବିଧା ଦେଖି ମୋତେ ଗିଳିବାର ପ୍ରୟାସ କରେ। ଆଉ ଶେଷରେ ମୁଁ ସ୍ୱୀକାର କରେ ନାଃ ସତ୍ୟଭାମା ଦାସ! ତମକୁ ଭୁଲିବା ଏ କବି ଜୀବନରେ ସବୁଠୁ ବଡ ଅସଫଳ କାର୍ଯ୍ୟ। ଯୋଉଠିବି ଥାଅ ଭଲରେ ଥାଅ। ପ୍ରେମ ଦିଅକି ବେଦନା, ବରଂ ଘୃଣାରେ ମୋ ସର୍ବନାଶର ଘିଅ ଦୀପଟେ ପ୍ରତିନିୟତ ଜାଳ।

କଲିକତା, ପଶ୍ଚିମବଙ୍ଗ

ନୂଆ ବହି.....

ସାହିତ୍ୟ ସୁଧା
ଜଲ୍ଲୋଲ

ଅନୁବାଦ

" ଟୋକେଇଏ ମାଟି "

(ମୂଳ ହିନ୍ଦୀ- ଏକ ଟୋକରୀ ଭର ମିଟ୍ଟୀ)

ହିନ୍ଦୀ ସାହିତ୍ୟର ପ୍ରଥମ ଗଳ୍ପ

ଅନୁବାଦ- *ଓମ୍ ପ୍ରକାଶ ବିଶ୍ୱାଳ*

ମୂଳ - *ମାଧବ ରାଓ ସାପ୍ରେ*

ଏକ୍ ଯେ ଥିଲେ ଜମିଦାର।ଆଉ ଥିଲା ତାଙ୍କର ଏକ ବିରାଟ ମହଲ; ଚାକର ବାକର ରେ ଭର ପୁର, ଏକ ବାରେ ମସ୍ତ, ସାରା ରାଇଜ ରେ ଅପୂର୍ବ। ଦେଖିବା ଲୋକ ଘଡ଼ିଏ ଚାହିଁବ। ମହଲ ପାଖରେ ଏକ ଗରିବ ବିଧବା ର କୁଡ଼ିଆ ଥିଲା ।ରାଜା ଗୋଜା, ଜମିଦାର ଙ୍କ ମୁଣ୍ଡରେ ଖିଆଲ ଚୁକିଲା କିମହଲ ର ହତା ସେ କୁଡ଼ିଆ ଯାଏ ବଢେଇ ମହଲ ପଛପଟେ ମସ୍ତ ଏକ ବଗିଚା ଗଢିବେ।ବିଧବା କୁ ଆଦେଶ ହେଲା ତା ଝୋପଡି ହଟେଇବାକୁ, କିନ୍ତୁ ସେ କେତେ ବର୍ଷ ରୁ ସେଠି ରହୁଛି । ତାର ପ୍ରିୟ ସ୍ୱାମୀ ଆଉ ଏକ ମାତ୍ର ପୁଅ ବି ସେହି କୁଡ଼ିଆ ରେ ମରିଯାଇଥିଲା । ପୂର୍ବ ରୁ ତାର ଏକ ପାଞ୍ଚ ବର୍ଷ ର ଝିଅ ବି ତାକୁ ଛାଡିକି ଚାଲିଯାଇଥିଲା । ଏବେ ତା ନାତୁଣୀ ହିଁ ତାର ଏହି ବୃଦ୍ଧକାଳ ରେ ଏକ ମାତ୍ର ସାହାରା ଥିଲା । ଯେବେ ତାର ଆଗକଥା ମନେ ପଡୁଥିଲା ତେବେ ଦୁଃଖରେ ଜୋର ଜୋର କାନ୍ଦିବା କୁ ଲାଗୁଥିଲା । ଆଉ ଯେବେଠୁ ସେ ନିଜ ପ୍ରତିପତ୍ତିଶାଳୀ ପଡୋଶୀ ର ଆଦେଶ ଶୁଣିଲା,ସେ ମୃତ ପ୍ରାୟ ହେଇଯାଇ ଥିଲା । ସେହି କୁଡ଼ିଆ ରେ ତାର ମନ ଏମିତି ଲାଗିଯାଇଥିଲା କି ସେ ନ ମଲା ପର୍ଯ୍ୟନ୍ତ ସେହି କୁଡ଼ିଆ ରୁ ବାହାରିବା କୁ ବି ରାଜି ନଥିଲା । ଜମିଦାର ଙ୍କ ର ସବୁ ପ୍ରୟାସ ନିଷ୍ଫଳ ହେଲା , ଏବେ ସେ କଠୋର ହେଲେ ଓ ନିଜର ଜମିଦାରି ଚାଲ ଚଲେଇବାକୁ ଲାଗିଲା ।

ଅଦାଲତ ସାହାଯ୍ୟରେ କୁଡ଼ିଆ ଉପରେ ନିଜର ଅଧିକାର କରିନେଲେ ଆଉ ବିଧବା କୁ ସେଠାରୁ ବଳ ପୂର୍ବକ ବାହାର କରିଦେଲା । ବିଚାରି ତ ଅନାଥ ଥିଲା , ପାଖ ପଡୋଶୀ ର କୋଉଠି ଯାଇକି ରହିବା କୁ ଲାଗିଲା ।

ତା ପରେ ବଗିଚା କାମ ଜୋର ସୋର ରେ ଆରମ୍ଭ ହେଲା।ଏମିତି ଗୋଟେ ଦିନ ଜମିଦାର ସେହି କୁଡ଼ିଆ ଆଖପାଖ ରେ ବୁଲୁଥିଲେ ଆଉ ଲୋକଙ୍କୁ କାମ ବତଉଥିଲେ , ସେହି ସମୟରେ ସେ ବିଧବା ହାତରେ ଗୋଟେ ଟୋକେଇ ନେଇକି ସେଠି ପଂହଁଚିଲା । ଜମିଦାର ତାକୁ ଦେଖିବା ମାତ୍ରେ ଚିହିଁକି ଉଠି ତାଙ୍କ ଚାକର କୁ କହିଲେ ତାକୁ ଏଠୁ ବାହାର କରିଦିଅ । କିନ୍ତୁ ବିଧବା କାନ୍ଦି କାନ୍ଦି କହିଲା, "ମାଲିକ୍ ! ଏବେ ଏହି କୁଡ଼ିଆ ତ ତୁମର ତହେଇଗଲାଣି । ମୁଁ ତାକୁ ନବା କୁ ଆସିନି । ଆଜ୍ଞା କ୍ଷମା କରିବେ ଯଦି ଗୋଟେ ବିନତି ଥିଲା ।" ଜମିଦାର ର ସାହେବ ଙ୍କ ମୁଣ୍ଡ ଟୁଙ୍ଗାରିଲେ।ବୁଢ଼ୀ କହିବାକୁ ଲାଗିଲା, " ଯେବେଠୁ ଏହି କୁଡ଼ିଆ ଛାଡିଛି, ସେବେଠୁ ମୋ ନାତୁଣୀ ଖାଇବା ପିଇବା ଛାଡ଼ିଦେଇଛି । ମୁଁ ବହୁତ ବୁଝେଇଲି କିନ୍ତୁ ସେ କିଛି ବି ଶୁଣୁନି । ଜିଦ କରୁଛି କି ନିଜ ଘର କୁ ଚାଲ । ସେଇଠି ରୁଟି ଖାଇବି । ଏବେ ମୁଁ ଭାବୁଚିକି ଏହି କୁଡ଼ିଆ ରୁ ଟୋକେଇଏ ମାଟି ନେଇ ସେଥିରେ ଚୁଲି ବନେଇକି ରୁଟି କଲେ କାଳେ ସିଏ ଏହି ରୁଟି ଖାଇବ। ସାହେବ ଜଦି ଦୟାକରିବେ ତେବେ ଏହି ପାଛିଆ ରେ ମାଟି ନେଇଯାଆନ୍ତି !" ଜମିଦାର ହଁ କଲେ ।

ବିଧବା କୁଡ଼ିଆ ଭିତରକୁ ଗଲା । ସେଠି କି ଗଲା ପରେ ପୁରୁଣା କଥା ସବୁ ମନେପଡ଼ିଲା ଆଉ ତା ଆଖିରୁ ଲୁହ ର ଧାର ବୋହିବାକୁ ଲାଗିଲା । ଛାତିରେ ପଥର ରଖି ନିଜ ଅନ୍ତର ର ଦୁଃଖକୁ ସମ୍ଭାଳିଲା ଆଉ ନିଜ ଟୋକେଇ ରେ ମାଟି ଭରି ବାହାରକୁ ଆସିଲା । ପୁଣି ହାତଯୋଡି ଜମିଦାରଙ୍କୁ

ପ୍ରାର୍ଥନା କରିବାକୁ ଲାଗିଲା " ମାଲିକ୍ , କୃପା କରି ଟୋକେଇ ଟା ମୋ ମୁଣ୍ଡକୁ ଉଠେଇ ଦେବେ କି ।" ଜମିଦାର ସାହେବ ପ୍ରଥମେ ତ ବହୁତ ରାଗିଲେ। କିନ୍ତୁ ଯେବେ ସେ ବାରମ୍ବାର ହାତ ଯୋଡିବାକୁ ଲାଗିଲା ଆଉ ପାଦ ତଳେ ପଡ଼ିବାକୁ ଲାଗିଲା ତାଙ୍କ ମନରେ ଟିକେ ଦୟା ଆସିଲା। କୌଣସି ଚାକର କୁ ନକହିକି ନିଜେ ଟୋକେଇ କୁ ବୁଢ଼ୀ ମୁଣ୍ଡକୁ ଉଠେଇଲେ ଆଉ ତାଙ୍କୁ ଅନୁଭବ ହେଲାକି ଏହି କାମ ତାଙ୍କ ସାଧ ବାହାରେ। ପରେ ସେ ତାଙ୍କ ର ସବୁ ବଳ ଲଗେଇକି ଟୋକେଇ ଉଠେଇବାକୁ ଚାହିଁଲେ , କିନ୍ତୁ ଟୋକେଇ କୁ ଭୂଇଁରୁ ହାତେ ଉପର କୁ ବି ଉଠାଇପାରିଲେନି। ସେ ଲଜ୍ଜିତ ହେଇକି କହିଲେ , " ନା,ଏହି ଟୋକେଇ ମୋ ଦ୍ୱାରା ଉଠେଇ ହବନି।"

ଏହା ଶୁଣି ବିଧବା କହିଲା, " ସାହେବ ,ରାଗନ୍ତୁନି, ଆପଣ ଙ୍କ ଦ୍ୱାରା ଟୋକେଇଏ ମାଟି ଉଠେଇ ହଉନାହିଁ ଆଉ ଏହି ଝୋପଡି ରେ ତ ହଜାର ହଜାର ଟୋକେଉ ମାଟି ପଡିଛି । ଜୀବନ ସାରା ତାର ଭାର ଉଠେଇପାରିବେ ତ? ଆପଣ ହିଁ ଏହି କଥା ଉପରେ ବିଚାର କରନ୍ତୁ।"

ଜମିଦାର ସାହେବ ଧନ ମଦ ରେ ଗର୍ବ କରିକି ଆପଣା କର୍ତ୍ତବ୍ୟ ଭୁଲିଯାଇଥିଲେ କିନ୍ତୁ ବିଧବା ର କଥା ଶୁଣି ତାଙ୍କ ଆଖି ଖୋଲିଗଲା। ଘୃଣ୍ୟ କାମ ର ଅନୁତାପ କଲେ। ସେ ବିଧବା ଠୁ କ୍ଷମା ମାଗିଲେ ଆଉ ତା କୁଡ଼ିଆ ତାକୁ ଫେରେଇଦେଲେ।

ଭଜ୍ରକ

କଲ୍ଲୋଳ

* ସାହିତ୍ୟ ସୁଧା କଲ୍ଲୋଳ ଏକ ତ୍ରୟମାସିକ ସାହିତ୍ୟ ଇ-ପତ୍ରିକା , ଏହା କେବଳ ଯୁବପିଢି ତଥା ୧୮ ରୁ ୩୫ବୟସ ଲେଖକ/ଲେଖିକା ମାନଙ୍କର ଲେଖା ଏଠାରେ ପ୍ରକାଶ ପାଏ ।

* ଏହି ଇ-ପତ୍ରିକାରେ ଆପଣଙ୍କ ଲେଖା ପ୍ରକାଶ କରିବାକୁ ଚାହୁଁଥିଲେ ଆପଣ ତଳେ ଦିଆଯାଇଥିବା ଠିକଣା ରେ ଲେଖା ପଠାଇପାରିବେ , ଲେଖାସହ ରଙ୍ଗିନ୍ ଫୋଟ ଓ ଠିକଣା ଦେବାକୁ ଅନୁରୋଧ ।

* କେବଳ ନିର୍ବାଚିତ ଲେଖା ଏଠାରେ ପ୍ରକାଶ ପାଇଥାଏ ।

* କେବଳ ଓଡ଼ିଆ ଟାଇପ୍ ଲେଖା ଗ୍ରହଣୀୟ ଅଟେ ।

* ଆପଣମାନେ ଦେଉଥିବା ଲେଖା ଆପଣଙ୍କ ନିଜସ୍ୱ ଲେଖା ହୋଇଥିବା ଆବଶ୍ୟକ , ନହେଲେ ପତ୍ରିକାରେ ପ୍ରକାଶିତ ହେଲାପରେ କିଛି ଅସୁବିଧାର ସମ୍ମୁଖୀନ ହେଲେ ସେଥି ପାଇଁ କଲ୍ଲୋଳ ପରିବାର ଦାୟୀ ନୁହନ୍ତି ।

* ଯଦି ଆପଣମାନେ ଆମ ଇ-ପତ୍ରିକାରେ ଆପଣଙ୍କ ପୁସ୍ତକର ବିଜ୍ଞାପନ କରିବାକୁ ଚାହୁଁଥିଲେ ତଳେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରନ୍ତୁ ।

ସୁଦର୍ଶନ ସାହୁ

୭୦୭୭୬୪୬୯୪୧ - WhatsApp

୯୩୫୬୦୩୬୬୦ -call

Email- sudarasansahoo41@gmail.com

"କଲ୍ଲୋଳ" ପରିଚାଳନା କମିଟି

ତୁଷାରକାନ୍ତୁ ପ୍ରସାଦ

ସିଦ୍ଧେଶ୍ୱର ତ୍ରିପାଠୀ

ଅନିଲ ମହାରଣା

ସ୍ମୃତି ରଞ୍ଜନ ପାଣିଗ୍ରାହୀ

କେଶରୀ ପ୍ରସାଦ ମହାନ୍ତି

ସ୍ୱାଗତିକା ଦାଶ

ସତ୍ୟ ନାରାୟଣ ମହାନ୍ତି

ଓମ୍ ପ୍ରକାଶ ବିଶ୍ୱାଳ

ପଞ୍ଚୁ ଜେନା

ଜୟନ୍ତ୍ରୀ ମହାରଣା

ଆପଣଙ୍କ ମତାମତ ଅପେକ୍ଷାରେ.....